Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 247
Sunday, 15 November 2026
Balasore, Page : 8, ₹ 2/
ବାଲେଶ୍ୱର, ରବିବାର, ୧୫ ନଭେମ୍ବର, ୨୦୨୬
ପୃଷ୍ଠା: ୮, ମୂଲ୍ୟ: ୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଉଁଠୁ ଆରମ୍ଭ

SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ



ସମସ୍ତଙ୍କ ମୁଣ୍ଡ ଉପରେ ପକ୍କା ଛାତ ଆମର ସର୍ବୋଚ୍ଚ ପ୍ରାଥମିକତା : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର , ୧୪/୧୧ (ଆ.ପ୍ର) : ଓଡ଼ିଶାର ଗରିବ, ଚାଷୀ ଓ ମଜିଦାମାନଙ୍କ ସଶକ୍ତିକରଣ ପାଇଁ ଆଜି ବଡ଼ ଘୋଷଣା କରିଛନ୍ତି କେନ୍ଦ୍ର କୃଷି ଓ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନ । ବଲାଙ୍ଗୀରଠାରେ ଆୟୋଜିତ 'ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ'ର ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଓଡ଼ିଶା ପାଇଁ ପୂର୍ବରୁ ମଞ୍ଜୁର ହୋଇଥିବା ୪ଲକ୍ଷ 'ଆବାସ' ଘର ବ୍ୟତୀତ ତତ୍କାଳ ଆଉ ଏକ ଲକ୍ଷ ଘର ମଞ୍ଜୁର କରିଛନ୍ତି ଶ୍ରୀ ଚୌହ୍ୱାନ । ଆଜି ଏହି ୫ଲକ୍ଷ 'ଆବାସ' ଘର ବଂଟନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଚୌହ୍ୱାନ ପୂର୍ବ ନବୀନ ପଟ୍ଟନାୟକ ସରକାରକୁ କଡ଼ା ସମାଲୋଚନା କରି ବିଜେଡି ସରକାରରେ ଚାଲିଥିବା ମାଫିଆରାଜର ଅନ୍ତ ହୋଇଛି ବୋଲି କହିଛନ୍ତି । ରାଜ୍ୟରେ ସମସ୍ତଙ୍କ ମୁଣ୍ଡରେ ପକ୍କାଘର ହେବ ଓ ବିକାଶ ପାଇଁ ପ୍ରତି ପଂଚାୟତକୁ ୧୫ ୨କୋଟି ଟଙ୍କାର ଅନୁଦାନ ଦିଆଯିବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ଚୌହ୍ୱାନ ଘୋଷଣା କରିଛନ୍ତି । ବଲାଙ୍ଗୀରରେ ରାଜ୍ୟସ୍ତରୀୟ ସମାରୋହକୁ ସମ୍ବୋଧିତ କରି କେନ୍ଦ୍ରମନ୍ତ୍ରୀ ଶ୍ରୀ ଚୌହ୍ୱାନ ପୂର୍ବ ସରକାରଙ୍କ କାର୍ଯ୍ୟଧାରା ଉପରେ ଖାଣ୍ଡିତ ଆକ୍ରମଣ କରିଥିବେ। ପୂର୍ବ ଚୟନ ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ଯୋଗୁଁ ଅଯୋଗ୍ୟ ବ୍ୟକ୍ତି ଓ ପୂର୍ବରୁ ପକ୍କାଘର ଥିବା ଲୋକଙ୍କ ନାମ ହିତାଧିକାରୀ ତାଲିକାରେ ସ୍ଥାନ ପାଇଥିବା, ଅଥଚ ପ୍ରକୃତ ଗରିବ ପରିବାରଗୁଡ଼ିକ ଆବାସ ଯୋଜନାରୁ ବଂଚିତ ହୋଇ ରହିଥିବେ ବୋଲି ସେ ଅଭିଯୋଗ କରିଥିବେ । ଏହି ଅବ୍ୟବସ୍ଥାର ପ୍ରତିକାର ପାଇଁ କେନ୍ଦ୍ର ସରକାର ଏକ ନୂଆ ତଥା ସଠିକ୍ ସର୍ଭେ ସୁନିଶ୍ଚିତ କରିଛନ୍ତି, ଯାହାଦ୍ୱାରା ବଂଚିତ ହୋଇଥିବା ସମସ୍ତ ଯୋଗ୍ୟ



ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ବିଜେପି ସରକାରରେ ଏବେ କୌଣସି ଗରିବ ପରିବାର କଳା ଝୁମ୍ପୁଡ଼ି ଘରେ ରହିବେ ନାହିଁ ଓ ପର୍ଯ୍ୟାୟକ୍ରମେ ସମସ୍ତଙ୍କୁ ପକ୍କା ଘର ଯୋଗାଇ ଦିଆଯିବ । ଉଦ୍ଧିଷ୍ୟତରେ ଓଡ଼ିଶାକୁ ଆଉରି ଅଧିକ ଘର ଦିଆଯିବ । କେବଳ ଘର ନୁହେଁ, ଘର ଛାତ ଉପରେ ସୋଲାର ପ୍ୟାନେଲ୍ ଲଗାଇବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ ସବସିଡି ଯୋଗାଇ ଦେବେ, ଯାହାଦ୍ୱାରା ବିଜୁଳି ବିଲ୍ ଶୂନ ହେବା ସହ ଅତିରିକ୍ତ ବିଜୁଳି ବିକ୍ରି କରି ଲୋକେ ରୋଜଗାର କରିପାରିବେ । ଏଥିସହ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଦାରିଦ୍ର୍ୟ ଦୂରୀକରଣ ପାଇଁ ପ୍ରୋଜେକ୍ଟ ଓଡ଼ିଶାରେ ବଲାଙ୍ଗୀର ମାଟିରୁ ହିଁ ଆରମ୍ଭ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ବଡ଼ ଘୋଷଣା କରିଛନ୍ତି । ରାଜ୍ୟରେ ପୂର୍ବ ସରକାରରେ ଚାଲିଥିବା ବିଭିନ୍ନଧରଣର ମାଫିଆ ଟେଣ୍ଡର୍‌କୁ ସମ୍ପୂର୍ଣ୍ଣ ଧ୍ୱଂସ କରାଯାଇ ସ୍ୱଚ୍ଛ ଶାସନ ପ୍ରତିଷ୍ଠା କରାଯାଇଛି ବୋଲି ସେ ଦୃଢ଼ୋକ୍ତି ବ୍ୟକ୍ତ କରିଥିବେ । 'ବିକଶିତ ଭାରତ-ଜି ରାମ ଜି' ଯୋଜନା ଅଧୀନରେ ଚଳିତ ବର୍ଷ ଓଡ଼ିଶାକୁ ପ୍ରାୟ ୪ହଜାର କୋଟି ଟଙ୍କା ମିଳିବ । ରାଜ୍ୟର ପ୍ରତି ପଂଚାୟତକୁ ବାର୍ଷିକ ୨୫ରୁ ୫୦ ଲକ୍ଷ ଟଙ୍କା ୫୫ ବର୍ଷରେ ଛୋଟ ପଂଚାୟତକୁ ୧ କୋଟି ଓ ବଡ଼ ପଂଚାୟତକୁ ୨ କୋଟି ଟଙ୍କା ପର୍ଯ୍ୟନ୍ତ ବିକାଶମୂଳକ କାର୍ଯ୍ୟ ପାଇଁ ମିଳିବ । ଏହି ପାଣ୍ଠିରେ ଗାଁରେ ରାସ୍ତା, ନାଳ, ସ୍କୁଲ, ପଂଚାୟତ ଭବନ, ଚାଷ ଜମିକୁ ରାସ୍ତା ଓ ଜଳ ସଂରକ୍ଷଣ ପାଇଁ ପୋଖରୀ ନିର୍ମାଣ କରାଯିବ । ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାର ତୃତୀୟ ପର୍ଯ୍ୟାୟରେ ୧୭୦୦ କିମି ରାସ୍ତା ମଞ୍ଜୁର ହେବା ପରେ ଏବେ ବାକି ରହିଥିବା ସମସ୍ତ ସଂରକ୍ଷଣ ପାଇଁ ପୋଖରୀ ନିର୍ମାଣ କରାଯିବ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବଲାଙ୍ଗୀର ଜିଲ୍ଲା ପାଇଁ ପ୍ରାୟ ୧୭୬ କୋଟି ଟଙ୍କାର ୧୬୦ଟି ପ୍ରକଳ୍ପର ଶୁଭ ଉଦଘାଟନ ଓ ୭୩୫ କୋଟି ଟଙ୍କା ମୂଲ୍ୟର ୮୮ଟି ପ୍ରକଳ୍ପର ଶିଳପ୍ରସ୍ତର ସ୍ଥାପନ କରିଥିବେ । ଅନ୍ୟମାନଙ୍କ ମଧ୍ୟରେ ଉପମୁଖ୍ୟମନ୍ତ୍ରୀ କେଭି ସିଂଦେଓ, ମନ୍ତ୍ରୀ ଉଦି ନାରାୟଣ ନାଏକ ଓ ମୁକେଶ ମହାଲିଙ୍କ ସମେତ ସାଂସଦ, ବିଧାୟକ ଓ ସରକାରୀ ଅଧିକାରୀମାନେ ଉପସ୍ଥିତ ଥିଲେ ।

୧୬ରେ ବାତ୍ୟା, ୧୮ରେ ନେବ ଭୀଷଣ ରୂପ

ଭୁବନେଶ୍ୱର, ୧୪/୧୧ (ଆ.ପ୍ର) : ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଗଠନକାଳି ସୃଷ୍ଟି ହୋଇଥିବା ଲଘୁଚାପ ଆଜି ସ୍ପଷ୍ଟ ଚିହ୍ନିତ ଲଘୁଚାପରେ ପରିଣତ ହୋଇଛି । ଆସନ୍ତା ୨୪ଘଂଟାରେ ଏହା ଅଧିକ ଘନୀଭୂତ ହୋଇ ଅବପାତରେ ପରିଣତ ହେବ । ସେହିପରି ହୋଇ ୧୬ ସନ୍ଧ୍ୟା ସୁଦ୍ଧା ବାତ୍ୟାର ରୂପ ନେଇପାରେ । ୧୬ରେ ବାତ୍ୟା ହେବା ପରେ ୧୮ ତାରିଖରେ ଏହା ତୀବ୍ରଭାବ ରୂପ ନେଇ ପୁଣି ଦୁର୍ବଳ ହେବ । ଏଥିପାଇଁ ପାଣିପାଗ ବିଜ୍ଞାନ ପକ୍ଷରୁ ଆଲର୍ଟ ଜାରି କରାଯାଇଛି । ପାଣିପାଗ ବିଜ୍ଞାନର ସୂଚନା ଅନୁଯାୟୀ, ସ୍ପଷ୍ଟ ଚିହ୍ନିତ ଲଘୁଚାପଟି ବର୍ତ୍ତମାନ ଦକ୍ଷିଣପୂର୍ବ ବଙ୍ଗୋପସାଗର ସନ୍ନିକ୍ଟରହିଛି । ୨୪ ଘଂଟାରେ ସମାନ ଅଂଚଳରେ ଘନୀଭୂତ ହୋଇ ଅବପାତର ରୂପ ନେଇପାରେ । ପରବର୍ତ୍ତୀ ସମୟରେ ଏହା ଉତ୍ତର ଉତ୍ତର-ପଶ୍ଚିମ ଦିଗରେ ଗତି କରି ଆହୁରି ଘନୀଭୂତ ହେବ । ଆସନ୍ତା ୧୬ ତାରିଖ ସନ୍ଧ୍ୟା ସୁଦ୍ଧା କେନ୍ଦ୍ରୀୟ ବଙ୍ଗୋପସାଗର ପଶ୍ଚିମ ଭାଗରେ ଏହା ବାତ୍ୟାର ରୂପ ନେବ । ତୁଲ ଦିନ ଯାଏ ସମୁଦ୍ର ଭିତରେ ଏହା ବଳ ଗୋଟାଇ ୧୮ ତାରିଖ ଦେଇକୁ ସ୍ଥଳ ଭାଗ ମୁହାଁ ହେବ । ଏହି ସମୟରେ ଏହା ଭୀଷଣ ବାତ୍ୟା ରୂପରେ ରହିବ । ତେବେ ସାମ୍ପ୍ରତିକ ସମୟରେ ଏହା ବାତ୍ୟା ହେଉଁ ଉପକୂଳ ଆଡ଼େ ଯିବ ସେନେଇ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ । ବିଭାଗ ବ୍ୟାଖ୍ୟାକରି ନେଇ କୌଣସି ଆକଳନ କରି ନଥିଲେ ହେଁ ବାତ୍ୟା ପ୍ରଭାବରେ ଓଡ଼ିଶା ବର୍ଷା ପବନ ହୋଇପାରେ । ଆସନ୍ତା ୧୭ ତାରିଖରେ ଏହା ଲାଘିକି କିଛି ସ୍ଥାନରେ ହୋଇପାରେ ବର୍ଷା ପବନ । ଆସନ୍ତା ୧୭ ଓ ୧୮ ତାରିଖରେ ବଙ୍ଗୋପସାଗର ଓଡ଼ିଶା ଉପକୂଳ ତଥା ଏହାର ଆଖପାଖ ସମୁଦ୍ର ମଧ୍ୟରେ ଝଡ଼ତୋଫାନ ସହ ପବନର ବେଗ ଘଂଟା ପ୍ରତି ୪୫-୫୫ କିଲୋମିଟର ରହିପାରେ । ଝଟକା ପବନ ୬୫ କିଲୋମିଟର ଛୁଇଁପାରେ । ଏହି ସମୟରେ ବଙ୍ଗୋପସାଗର ଓଡ଼ିଶା ଉପକୂଳ ଓ ଆଖପାଖରେ ସମୁଦ୍ର ଅଶାନ୍ତରୁ ଅତି ଅଶାନ୍ତ ରହିବାର ସମ୍ଭାବନା ଅଛି । ଏଥିପାଇଁ ୧୭ ଓ ୧୮ ଦୁଇ ଦିନ ମତ୍ସ୍ୟଜୀବୀଙ୍କୁ ବଙ୍ଗୋପସାଗର ଓଡ଼ିଶା ଉପକୂଳ ଓ ଏହାର ଆଖପାଖ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି ।

ଏନ୍‌ସିପିର ଦୁଇ ଗୋଷ୍ଠୀ ମିଶ୍ରଣ ସମ୍ଭାବନାକୁ ଖାରଜ କଲେ ସୁପ୍ରିୟା ସୁଲେ



ମୁମ୍ବାଇ, ୧୪/୧୧ (ନ୍ୟୁ.ଏ) : ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି)ର ଦୁଇ ଗୋଷ୍ଠୀ ମଧ୍ୟରେ ମିଶ୍ରଣକୁ ନେଇ ମହାରାଷ୍ଟ୍ର ରାଜନୀତିକୁ ସରଗରମ କରିଛି । ତେବେ ଏନ୍‌ସିପି (ଶରଦଚନ୍ଦ୍ର ପାୱାର) ଗୋଷ୍ଠୀର କାର୍ଯ୍ୟକାରୀ ସଭାପତି ତଥା ଶରଦ ପାୱାରଙ୍କ ଝିଅ ସୁପ୍ରିୟା ସୁଲେ ଦୁଇଗୋଷ୍ଠୀ ମିଶ୍ରଣ ଖବରକୁ ଖାରଜ କରିଛନ୍ତି । ଅନ୍ୟପକ୍ଷରେ ଶରଦ ପାୱାରଙ୍କ ଗୋଷ୍ଠୀ ଅଲଗା ଭାବେ ଜାତୀୟ ଗଣତାନ୍ତ୍ରିକ ମୋଚ୍ଚ (ଏନ୍‌ଡିଏ)ରେ ସାମିଲ ହେବାକୁ ସୁଯୋଗ ଖୋଜୁଥିବା ମଧ୍ୟ ଚର୍ଚ୍ଚା ହେଉଛି । ଏକ ମରାଠୀ ନ୍ୟୁଜ୍ ଚ୍ୟାନେଲ୍ ସୂତ୍ରରୁ ଜଣାପଡ଼ିଛି ଯେ, ଶରଦ ପାୱାରଙ୍କ ଗୋଷ୍ଠୀ ଏକ ସ୍ୱାଧୀନ ଦଳ ଭାବରେ ମହାରାଷ୍ଟ୍ରର ଶାସକ ମହାୟୁତି ମୋଚ୍ଚରେ ଯୋଗଦେବା ପାଇଁ ବିକଳ୍ପ ସନ୍ଧାନ କରୁଛି । ଯଦି ଏହି ଗୋଷ୍ଠୀ ଏକ ପୃଥକ୍ ଦଳ ଭାବରେ ଏନ୍‌ଡିଏରେ ଯୋଗ ଦିଏ, ତେବେ ଏହା ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରୀୟ ମନ୍ତ୍ରଣାଳୟ ଓ ରାଜ୍ୟ କ୍ୟାବିନେଟରେ ମନ୍ତ୍ରୀ ପଦ ପାଇପାରିବ । ସୁନେତ୍ରା ପାୱାରଙ୍କ ଏନ୍‌ସିପି ମଧ୍ୟ ସ୍ପଷ୍ଟ କରିଛି ଯେ, ଶରଦ ପାୱାର ଗୋଷ୍ଠୀର ଏନ୍‌ଡିଏ ସହିତ ମିଶ୍ରଣରେ ତାଙ୍କର କୌଣସି ଆପତ୍ତି ନାହିଁ । କିନ୍ତୁ ସୁନେତ୍ରା ଏନ୍‌ସିପିର ଦୁଇ ଗୋଷ୍ଠୀର ମିଶ୍ରଣକୁ ବିରୋଧ କରୁଛନ୍ତି । ଅନ୍ୟପକ୍ଷରେ ଶନିବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସୁପ୍ରିୟା କହିଛନ୍ତି, ତାଙ୍କ ଭାଇ ତଥା ମହାରାଷ୍ଟ୍ରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଅଜିତ ପାୱାରଙ୍କ ଦେହାନ୍ତ ପରେ ଦୁଇ ଗୋଷ୍ଠୀର ମିଶ୍ରଣ ସମ୍ପର୍କିତ ଆଲୋଚନା ଶେଷ ହୋଇଯାଇଛି । ଅଜିତ ପାୱାର ପର୍ଯ୍ୟନ୍ତ ଦୁଇ ଗୋଷ୍ଠୀର ମିଶ୍ରଣ ନେଇ ଆଲୋଚନା ହେଉଥିଲା । ତାଙ୍କ ଦେହାନ୍ତ ହେବା ଦିନଠାରୁ ସେହି ଆଲୋଚନାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି । ଏବେ ମିଶ୍ରଣ ନେଇ କୌଣସି ନୂଆ ପ୍ରୟାସ ଚାଲିନାହିଁ ବୋଲି ତାଙ୍କ ମତରୁ ସ୍ପଷ୍ଟ ହୋଇଛି । ସୁନେତ୍ରାଙ୍କୁ ଚଳିତ ବର୍ଷ ଜାନୁଆରି ୨୮ ତାରିଖରେ ମହାରାଷ୍ଟ୍ରର ପୁଣେ ଜିଲ୍ଲା ଅନ୍ତର୍ଗତ ବାରାମତୀ ବିମାନବନ୍ଦରରେ ଅବତରଣ ଉଦ୍ୟମ କରେ ଅଜିତ ପାୱାରଙ୍କୁ ନେଇ ଯାଉଥିବା ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଏଥିରେ ତାଙ୍କର ମୃତ୍ୟୁ ଘଟିଥିଲା । ଗତ ସପ୍ତାହରେ ସୁନେତ୍ରା ପାୱାରଙ୍କ ଘୋଷଣା ଚଳିଷ୍ଣ ନେତା ପ୍ରଫୁଲ୍ଲ ପଟେଲ ଓ ପାର୍ଥ ପାୱାର ଶରଦ ପାୱାରଙ୍କୁ ଭେଟିବା ପରେ ମିଶ୍ରଣ ଚର୍ଚ୍ଚା ଜୋର ଧରିଥିଲା ।

ମାୟାବତୀଙ୍କୁ ପୁଣି ମୁଖ୍ୟମନ୍ତ୍ରୀ କରିବା: ଆକାଶ ଆନନ୍ଦ

ନୂଆଦିଲ୍ଲୀ, ୧୪/୧୧ (ନ୍ୟୁ.ଏ) : ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ପୂର୍ବରୁ, ବହୁଜନ ସମାଜ ପାର୍ଟି (ବିଏସ୍‌ପି) ନିଜର ପ୍ରସ୍ତୁତିକୁ ଜୋରଦାର କରିଛି । ବିଏସ୍‌ପିର ଜାତୀୟ ସଂଯୋଜକ ଆକାଶ ଆନନ୍ଦ ନିଜଟରେ ବିଜନୌରର ଅଟଲଗଡ଼ ଠାରେ ଏକ ଜନସଭାକୁ ସମ୍ବୋଧିତ କରିଥିବେ । ଏହି ଅବସରରେ, ସେ ଉପସ୍ଥିତ ଜନତାଙ୍କୁ ଉତ୍ତରପ୍ରଦେଶରେ ଏକ ସ୍ପଷ୍ଟ ବାର୍ତ୍ତା ପହଂଚାଇବାକୁ ଆହ୍ୱାନ ଦେଇଥିବେ: ସେମାନେ ମାୟାବତୀଙ୍କୁ ପୁନର୍ବାର ମୁଖ୍ୟମନ୍ତ୍ରୀ ଭାବରେ ଫେରାଇ ଆଣିବାକୁ ଚାହୁଁଛନ୍ତି । ସେ ଉଲ୍ଲେଖ କରିଥିବେ ଯେ ଉତରପ୍ରଦେଶରେ ନିର୍ବାଚନ ପାଖେଇ ଆସୁଛି । ରାଜ୍ୟରେ ଆଖୁ, ଚିନି ଏବଂ ଗୁଡ଼ ଉତ୍ପାଦନରେ ବିଜନୌର ଅଞ୍ଚଳୀ ସ୍ଥାନରେ ରହିଛି ତଥାପି, ଆଖୁ ଚାଷୀଙ୍କ ଚାଦର ଆଜି ଅତ୍ୟନ୍ତ ଜଞ୍ଜଡାଇକ ହୋଇପଡ଼ିଛି । ଯେଉଁ ଚାଷୀମାନେ ସମସ୍ତ ଦେଶର ପେଟ ଭରନ୍ତି, ସେମାନଙ୍କୁ ଜାଇଁକି ତିନି କଳକ୍ତୁଡ଼ିକ ନିଜଟରୁ ନିଜ ପ୍ରାପ୍ୟ ଅର୍ଥ ପାଇବା ପାଇଁ ହାତ ପତାର ଭିକ ମାଗିବାକୁ ବାଧ କରାଯାଇଛି ? ଭାରତୀୟ ଜନତା ପାର୍ଟି (ବିଜେପି)କୁ ଟାର୍ଗେଟ କରି ଆକାଶ ଆନନ୍ଦ କହିଥିବେ ଯେ, ବିଗତ ଦଶନ୍ଧି ମଧ୍ୟରେ ବିଜେପି ସରକାର ଏହି ସମସ୍ୟାର କୌଣସି ପ୍ରକୃତ ସମାଧାନ କରିପାରିନାହିଁ । ବିଜେପି ନିଜର ପ୍ରଚାର-ପ୍ରସାର ପାଇଁ କୌଣସି କସରତ ବାକି ରଖୁନାହିଁ ।

ପିଏମ ଆବାସ ଯୋଜନାରେ ଘର ଆବଂଟନରେ ହୋଇଛି ଦୁର୍ନୀତି : ବିଜେଡି

ଭୁବନେଶ୍ୱର, ୧୪/୧୧ (ଆ.ପ୍ର) : ଚଳିତ ଥର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆବଂଟନରେ ହୋଇଛି ମହାଦୁର୍ନୀତି । ପାରଦର୍ଶୀତର ନୀତି ଚକାଇ, ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ଘର ଦିଆଯାଇଛି ବୋଲି ବିଜେଡି ଅଭିଯୋଗ କରିଛି । କୃଷି ଓ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂ ଚୌହାନ ଏହି ଆବଂଟନ କାର୍ଯ୍ୟକ୍ରମ ଜରିଆ କରି ଲୋକଙ୍କୁ ଭୁଆଁଇବା ପାଇଁ ଚେଷ୍ଟା କରିଛନ୍ତି । ତାଙ୍କ କଥା ତଥ୍ୟ ଗିଡିକ ନୁହେଁ । ଆଗକୁ ପଂଚାୟତ ନିର୍ବାଚନ ରହିଥିବାରୁ ଏହା ବିଜେପିର ଏକ କୁତ୍ସା ପ୍ରୟାସ ବୋଲି କହିଛନ୍ତି ବିଜେଡି ଉଚ୍ଚସ୍ତରୀୟ ପ୍ରତିନିଧି ଦେବା ମିଶ୍ର । ନବୀନ ପଟ୍ଟନାୟକଙ୍କ ସମୟରେ ଘର ଆବଂଟନ କରିନଥିବା ଅଭିଯୋଗ ଆଣିଛନ୍ତି କେନ୍ଦ୍ରମନ୍ତ୍ରୀ । ପୂର୍ବ ସରକାର ସମୟରେ ୯ ଲକ୍ଷ ୩୯ ହଜାର ଲୋକଙ୍କୁ ସ୍ଥଳ ପ୍ରଦାନ କରାଯାଇଥିଲା । ଆବାସ ପୋର୍ଟାଲ ଅନୁଯାୟୀ ୪ କୋଟି ୧୮ ହଜାର ଲୋକ ଘର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବେ, ଏହାରି ମଧ୍ୟରେ ଓଡ଼ିଶାରେ ୨୮ ଲକ୍ଷ ୨୮ ହଜାର ଯୋଗ୍ୟ ପାଥୀ ଙ୍କୁ ଚିହ୍ନଟ କରାଯାଇଛି । ନବୀନ ସରକାର ସମୟରେ ହିଁ ଏହି ଚିହ୍ନଟ କାର୍ଯ୍ୟ କରାଯାଇଛି ବୋଲି କହିଛି ବିଜେଡି । ଆଞ୍ଚଳପ୍ରଦେଶରେ ଚିହ୍ନଟ ହୋଇଥିବା ୩ ଲକ୍ଷ ୨୧ ହଜାର ଯୋଗ୍ୟ ପ୍ରାର୍ଥୀଙ୍କ ମଧ୍ୟରୁ ୩ ଲକ୍ଷ ଲୋକଙ୍କୁ ଘର ପ୍ରଦାନ କରାଯାଇଛି । ହେଲେ ଓଡ଼ିଶାର ୨୬ ଲକ୍ଷ ୪୩ ହଜାର ଯୋଗ୍ୟ ପ୍ରାର୍ଥୀଙ୍କ ମଧ୍ୟରୁ ମାତ୍ର ୫ ଲକ୍ଷ ହିତାଧିକାରୀଙ୍କୁ ଘର ପ୍ରଦାନ କରାଯାଇଛି । ଓଡ଼ିଶା ପାଇଁ ଏଭଳି ପାତଡଅନ୍ତର କାହିଁକି ବୋଲି ବିଜେଡି ପ୍ରଶ୍ନ କରିଛି । ସଂସଦରେ ୨୧ ଜୁଲାଇରେ ୪୧ ହଜାର ୯୨୪ କୋଟି ୬୦ ଲକ୍ଷ ଲୋକଙ୍କୁ ଘର ପାଇଁ ଅନୁଦାନ ମିଳିଥିବା ବେଳେ କେବଳ ୬୦୦ କୋଟି ମାତ୍ର ଓଡ଼ିଶାକୁ ଆଲୋକେଶନ କରାଯାଇଛି ବୋଲି ବିଜେଡି ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଥିଲା । ଯାହାକି ଅନ୍ୟ ରାଜ୍ୟ ତୁଳନାରେ ତେର କମ୍ ରହିଛି ବୋଲି ବିଜେଡି ଅଭିଯୋଗ କରିଛି । ବିଜିନ୍ନ କ୍ରାଇଟେରିଆ ଅନୁଯାୟୀ ଘର ଆବଂଟନ କରାଯିବାର ବ୍ୟବସ୍ଥା ଓ କେନ୍ଦ୍ର ସରକାର ୬୦ ପ୍ରତିଶତ ଟଙ୍କା ଦେବାର ବ୍ୟବସ୍ଥା କରାଯାଇଛି । ବର୍ତମାନ ବନ୍ୟା ଆଉ ବାତ୍ୟା ଯୋଗୁ ଗଞ୍ଜାମ, ଗଜପତି ଜିଲ୍ଲା ଯେଉଁଭଳି ପ୍ରଭାବିତ ହୋଇଛି ତାହାକୁ ନେଇ କୌଣସି ପ୍ରକାରର ପ୍ରତିକ୍ରିୟା ରଖୁନଥିଲେ କେନ୍ଦ୍ର ମନ୍ତ୍ରୀ । ଏହାସହ କୌଣସି ପ୍ରକାରର ସ୍ୱେସିଆଲ ଅଲୋକେଶନ ମଧ୍ୟ ପ୍ରଦାନ କରିନାହାନ୍ତି କେନ୍ଦ୍ର ମନ୍ତ୍ରୀ । ନିର୍ବାଚନୀ ଇସ୍ତାହାରରେ ୧୫ ଲକ୍ଷ ଘର ୫ ବର୍ଷରେ ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବେ ବିଜେପି ନେତା । ହେଲେ ରାଜ୍ୟରେ ବିଜେପି ସରକାର ଆସିବା ପରେ ମୋଟ ୬୧ ହଜାର ୫୬୧ ଘର ଗତ ଅଢ଼େଇ ବର୍ଷ ମଧ୍ୟରେ ତିଆରି କରିଛନ୍ତି ରାଜ୍ୟ ସରକାର । ଆଗକୁ ପଂଚାୟତ ନିର୍ବାଚନ ଥିବାରୁ ଲୋକଙ୍କୁ ଛଳନା କରିବା ପାଇଁ ଏଭଳି କହିଛନ୍ତି କେନ୍ଦ୍ରମନ୍ତ୍ରୀ ବୋଲି ବିଜେଡି ଅଭିଯୋଗ କରିଛି ।

ବସ୍ ଦୁର୍ଘଟଣାରେ ୪ମୃତ, ୩୦ ଆହତ

ଅମୃତସର, ୧୪/୧୧ (ନ୍ୟୁ.ଏ) : ପଞ୍ଜାବର ତରନ ତାରନ ଜିଲ୍ଲା ଅଧୀନସ୍ଥ ନେସେରା ପନୁଆନ୍ ଗ୍ରାମ ନିକଟରେ ଆଜି ୨ଟି ତୀର୍ଥଯାତ୍ରୀ ବସ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୪ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ୩୦ ଜଣ ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରୁ ୧୮ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଅଛି । ଜଣେ ଡାଇଭର୍ ଚାଳକଙ୍କୁ ବଂଚାଇବାକୁ ଯାଇ ଘୋଟିଏ ବସ୍‌ର ଡ୍ରାଇଭର ହଠାତ ଷ୍ଟିଅରିଂ ଦୁଇାଇ ବିପରୀତ ଲେନ୍‌କୁ ଚାଲିଯାଇଥିବେ । ଏହାପରେ ବସ୍‌ଦ୍ୱି ବିପରୀତ ପାର୍ଶ୍ୱରୁ ଆସୁଥିବା ଆଉ ଏକ ତୀର୍ଥଯାତ୍ରୀ ବସ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଦୁର୍ଘଟଣା ପରେ ସ୍ଥାନୀୟ ଲୋକ ଏବଂ ଦୋକାନୀମାନେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଥିଲେ ।

ନିର୍ବାଚନରେ ପରାଜୟ ପରେ ବିରୋଧୀ ଭୋଟ ଚୋରି ଅଭିଯୋଗ ଆଣୁଛି : ବିଜେପି

ଭୁବନେଶ୍ୱର, ୧୪/୧୧ (ଆ.ପ୍ର) : ଗଣତନ୍ତ୍ର ବଂଚାଅ, ଅରାଜକତା ହଟାଅ ସ୍ଲୋଗାନରେ ଭୁବନେଶ୍ୱରରେ ବିଜେପି ପକ୍ଷରୁ ଆୟୋଜିତ ଘୋଷଣା ବିଜୟ ପଦଯାତ୍ରା ।ରାଜ୍ୟ ବିଜେପି କାର୍ଯ୍ୟାଳୟରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ବାଣୀବିହାର ଛକ ପର୍ଯ୍ୟନ୍ତ ଯାଇଥିଲା । ଏଥିରେ ମୁଖ୍ୟମନ୍ତ୍ରୀ ମୋହ

ସେଇଠୁ ଆରମ୍ଭ
SEITHO ARAMBHA
ରବିବାର ୧୫ ନଭେମ୍ବର, ୨୦୨୬ : ଭାଲେଶ୍ୱର : ପୃଷ୍ଠା -୨



କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ନବରଙ୍ଗପୁର ଜିଲ୍ଲାରେ ଅବକାରୀ ବିଭାଗର ବ୍ୟାପକ ଚଢ଼ାଉ ୧୦ଟି ଅବକାରୀ ମାମଲା ରୁଜୁ ସହ ୩ ଜଣ ଗିରଫ ୮୦୬ ଲିଟର ଅବୈଧ ଦେଶୀ ମଦ



ନବରଙ୍ଗପୁର, ୧୪/୧୧ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲାରେ ବେଆଇନ ମଦ ପ୍ରସ୍ତୁତି, ବିକ୍ରୟ, ଗଚ୍ଛିତ ରଖିବା ଓ ବୋରା କାରବାର ଉପରେ ଅଙ୍କୁଶ ଲଗାଇବା ସହ ଅବକାରୀ ଆଇନର ଜବ୍ତାକଡ଼ି ଅନୁପାଳନ ସୁନିଶ୍ଚିତ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ଓ ଅବକାରୀ ବିଭାଗ ପକ୍ଷରୁ ନିରନ୍ତର ପଦକ୍ଷେପ ଗ୍ରହଣ କରାଯାଉଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ମଧୁମିତା ଏବଂ ଆରକ୍ଷୀ ଅଧୀକ୍ଷକ ଜଗମ୍ପ ପାର୍ଥି ଜଗଦୀଶଙ୍କ ନିର୍ଦ୍ଦେଶକ୍ରମେ ଗତ ୧୩ ନଭେମ୍ବର ୨୦୨୬ ତାରିଖରେ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଜିଲ୍ଲାପାଳ ଏକ ବ୍ୟାପକ ସ୍ୱତନ୍ତ୍ର ତଦ୍ଦାରକ ଅଭିଯାନ ଆୟୋଜନ କରାଯାଇଥିଲା । ଜିଲ୍ଲା ଅବକାରୀ ଅଧୀକ୍ଷକ ପ୍ରତାପ କୁମାର ଦାସଙ୍କ ତତ୍ୱାବଧାନରେ ଏହି ଅଭିଯାନକୁ ସୁସଂଗଠିତ ଭାବେ ପରିଚାଳନା କରାଯାଇଥିଲା । ଏଥିରେ ରଖିବା କାରବାର ଉପରେ ଅଙ୍କୁଶ ଲଗାଇବା ସହ ଅବକାରୀ ଆଇନର ଜବ୍ତାକଡ଼ି ଅନୁପାଳନ ସୁନିଶ୍ଚିତ କରିବା ନିମନ୍ତେ ଜିଲ୍ଲାପାଳ ମଧୁମିତା ଏବଂ ଆରକ୍ଷୀ ଅଧୀକ୍ଷକ ଜଗମ୍ପ ପାର୍ଥି ଜଗଦୀଶଙ୍କ ନିର୍ଦ୍ଦେଶକ୍ରମେ ଗତ ୧୩ ନଭେମ୍ବର ୨୦୨୬ ତାରିଖରେ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଜିଲ୍ଲାପାଳ ମଧୁମିତା ଏବଂ ଆରକ୍ଷୀ ଅଧୀକ୍ଷକ ପ୍ରତାପ କୁମାର ଦାସଙ୍କ ତତ୍ୱାବଧାନରେ ଏହି ଅଭିଯାନକୁ ସୁସଂଗଠିତ ଭାବେ ପରିଚାଳନା କରାଯାଇଥିଲା । ଜିଲ୍ଲା ଅବକାର

ସମ୍ବାଦପତ୍ର
ଆରମ୍ଭ
SEITHO ARAMBHA
ରବିବାର ୧୫ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା - ୩

ଚୋରି ସନ୍ଦେହରେ ନିର୍ମମ ମାଡ଼, ଚାଲିଗଲା ଛୋଟ ପିଲାର ଜୀବନ
ଅଭିଯୁକ୍ତଙ୍କୁ ସର୍ବ ସମୁଖରେ ଫାସୀ ଦେବାକୁ ଦାବୀ





ନୀଳଗିରି, ୧୪/୧୧ (ଆ.ପ୍ର) : ନୀଳଗିରି ବ୍ଲକ ବେନ୍ତୁନିଆ ପଂଚାୟତ ଜୁଆସାହି ଗ୍ରାମର ଏକ ନାଁ ବାଜକ ଶିଶୁକୁ ଚୋରି ସନ୍ଦେହରେ ପିଟି ପିଟି ହତ୍ୟା କରିବା ଘଟଣା ରେ ଜଣେକ ଦୋକାନୀର ହାତ ଥିବା ନେଇ ସନ୍ଦେହରେ ମଞ୍ଚଂଚଳରେ ପ୍ରବଳ ଉତ୍ତେଜନା ଦେଖା ଦେଇଛି । ବାପ ମା ସ୍ନେହରୁ ବଂଚିତ ଥିବା ପୁଅ ଦିନେଶ ରେ ଜଣେକ ଦୋକାନୀର ଆକ୍ରମଣର ଶିକାର ହୋଇ ମୃତ୍ୟୁବରଣ କରିଥିବା ଖବର ପାଇ ଯାଇଛନ୍ତି । ସୂଚନାନୁ ଜଣାଯାଇଛି, ତେବୁନିଆ ପଂଚାୟତ ନୁଆସାହି ଗ୍ରାମର ଉଧାମୋହନ ବାଗସିଂହ ୯ ବର୍ଷର ଶିଶୁ ପୁତ୍ର ଦିନେଶ ବାସସିଂ ଯିଏକି ଜଣେ ସାମାନ୍ୟ ମାନସିକ ଅସନ୍ତୁସ୍ତର ଥିବା ବେଳେ ଅଧିକାଂଶ ସମୟରେ ପେଟକୁ ଦାନା ଗଣ୍ଡେ ନ ପାଇ ସାହି ଗଣ୍ଡାରେ ଅଧିକାଂଶ ସମୟରେ ମାଗି ଖାଉଥିବାର ନଜିର ରହିଛି । ମା' ସ୍ନେହରୁ ବଂଚିତ ଥିବା ପୁଅ ଦିନେଶର ବାପା ମଧ୍ୟ ପୁଅ ଓ ବୃଦ୍ଧ ବାପ ମାକୁ ଛାଡି ସୁଦୂର ତାମିଲନାଡୁକୁ ଦାଦନ ଖଟିବାକୁ ଯାଇଛନ୍ତି । ଉତ୍ୟବସରରେ ନାଁ ବାଜକ ପୁଅ ଦିନେଶ ପେଟ ବିକଳରେ ମୁଡି ଖାଖାଏ ଖାଇବାକୁ ଶୁକ୍ରବାର ଅପରାହ୍ନ ପ୍ରାୟ ୧ ଟା ସମୟରେ ଦୋକାନୀ ମାନସ ଦେବେରାଙ୍କ ଦୋକାନକୁ ଯାଇଥିଲେ । ତେବେ ଦୋକାନୀଙ୍କ ଅଜାଣତରେ ଦିନେଶ ଉକ୍ତ ଦୋକାନର କେସ ବାକ୍ସରୁ କିଛି ପଇସା ଚୋରାର ଆଶିଥିବାର ଜାଣି ସମ୍ପୃକ୍ତ ଦୋକାନୀ ମାନସ ଶିଶୁ ଦିନେଶକୁ ଅକଥନୀୟ ମାଡ଼ ମାଡିଥିବା ଯୋଗୁଁ ଘଟଣାସ୍ଥଳରେ ଶିଶୁଟିର ମୃତ୍ୟୁ ହୋଇଥିବା ସ୍ଥାନୀୟ ଅଂଚଳ ବାସୀ ଅଭିଯୋଗ କରିଛନ୍ତି । ଶୁକ୍ରବାର ଅପରାହ୍ନ ଠାରୁ ଦିନେଶ ଘରକୁ ନ ଫେରିବା କାରଣରୁ ପରିବାର ଏବଂ ସାଙ୍ଗ ସାଥି ମାନେ ଖୋଜି ଖୋଜି ନିରାଶ ହୋଇଥିଲେ । ତେବେ ଶନିବାର ଅପରାହ୍ନ ପ୍ରାୟ ୧୨ ସମୟରେ ଦୋକାନର ପଛ ପଟେ ଏକ ଅର୍ଦ୍ଧ ନିର୍ମିତ ପକ୍କାଘର ଭିତରେ ଦିନେଶର ମୃତ ଦେହ ପଡି ରହିଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ । ମୃତ ଦେହ ନିକଟରେ ମାନସ ପିଢୁଥିବା ଏକ ଟୋପି ପରିଥିବାର ଦେଖି ଦିନେଶକୁ ହତ୍ୟା କରାଯାଇଥିବା ସନ୍ଦେହ ଗମ୍ଭୀର ହୋଇଥିଲା । ଘଟଣା ଦିନ ଦିନେଶ ଉକ୍ତ ଦୋକାନକୁ ଯାଇଥିବାର କିଛି ଲୋକ ଦେଖିଥିବାର କୁହା ଯାଇଛନ୍ତି । ମୃତ ଦେହ ମିଳିବା ପରେ ଘଟଣାସ୍ଥଳରେ ପ୍ରବଳ ଉତ୍ତେଜନା ସହ ଉତ୍ୟକ୍ତ ଲୋକ ଦୋକାନର ସଟର ଭାଙ୍ଗି ଦୋକାନର ସମସ୍ତ ଆସବାବ ପତ୍ର ପିଂଜା ପୋପାଳ କରିବା ସହିତ ଘଟଣାରୁ ଜଡି ଥିବା ଦେଖା ଯାଇଛି । ଖବର ପାଇ ବରଡମପୁର ପୋଲିସ ଘଟଣା ସ୍ଥଳ ରେ ପହଂଚି ଉତ୍ତେଜନା ହ୍ରାସ କରିବା ପାଇଁ ଚେଷ୍ଟା କରିଥିଲେ ହେଁ ଅଂଚଳ ବାସୀଙ୍କ ପ୍ରବଳ ବିରୋଧର ସମ୍ମୁଖୀନ ହୋଇଥିଲେ । କୌଣସ କ୍ରମେ ସମ୍ପୃକ୍ତ ବାପ ପୁଅଙ୍କୁ ପୋଲିସ ନିଜ ହେପାଜତକୁ ନେଇ ଜନ ଆକ୍ରୋଶରୁ ରକ୍ଷା କରିଥିବା ଜଣା ପଡିଛି । ତେବେ ଖବର ଲେଖିବା ବେଳକୁ ସାଇଂଟିଫିକ ଟିମ ଘଟଣାସ୍ଥଳରେ ପହଂଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଥିବା ବେଳେ ଉତ୍ତେଜନାକୁ ଆଖି ଆଗରେ ରଖି ପୋଲିସ ପକ୍ଷରୁ ଫୋର୍ସ ମୁତୟନ ହୋଇଥିବା ଦେଖା ଯାଇଛି । ତେବେ ଉତ୍ୟକ୍ତ ଲୋକ ନ୍ୟାୟ ପାଇଁ ସମ୍ପୃକ୍ତ ଦୋକାନରେ ଲଗା ସାଇପ୍ରସ ସିସି ଟିଭି ଫୁଟେଜକୁ ସର୍ବସାଧାରଣ କରିବା ସହିତ ଅଭିଯୁକ୍ତ ଉଭୟ ବାପ ପୁଅଙ୍କୁ ଘଟଣାସ୍ଥଳକୁ ଆଣିବାର ସର୍ବ ସମୁଖରେ ଫାସୀ ପ୍ରଦାନ ପାଇଁ ଅଂଚଳ ବାସି ଅଡି ବସିଛନ୍ତି ।

ବାଲିଆପାଳରେ ନୂତନ ମଧୁବାବୁ ଭତା ବଂଟନ



ବାଲେଶ୍ୱର, ୧୪/୧୧ (ଆ.ପ୍ର) : ରାଜ୍ୟ ସରକାରଙ୍କ ଜିନ୍ସଷ୍ଟମ ଓ ସଶକ୍ତିକରଣ ବିଭାଗର ଭତା ଯୋଜନାରେ ନୂତନ ଭତା ହିତାଧିକାରୀଙ୍କୁ ସାମିଲ କରିବା ସହ ଯୋଗ୍ୟ ଲୋକଙ୍କ ମୁହଁରେ ହସ ଫୁଟାଇବା ପ୍ରୟାସ ଆରମ୍ଭ ହୋଇଛି । ନୂତନ ଭତା ବଂଟନ ନିମନ୍ତେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ପାଇଁ ସମୁଦାୟ ୨୩୮୬ ଜଣ ହିତାଧିକାରୀଙ୍କ ନାମ ଅନୁମୋଦନ ହୋଇଥିଲା । ତନ୍ମଧ୍ୟରୁ ଗତକାଲି ବ୍ଲକ ପରିସରରେ ପାଖାପାଖି ୩୦୦ ଜଣ ହିତାଧିକାରୀଙ୍କୁ ନୂତନ ଭତା ବଂଟନ କରାଯାଇଅଛି । ସୂତରା ଯୋଗ୍ୟ ଗଡ ତା ଦଣ ତାରିଖରେ ମୁଖ୍ୟମନ୍ତ୍ରୀ ବାଲେଶ୍ୱର ଗସ୍ତରେ ଆସି ଯୁ.ପି.ଏମ.ପି ପୋର୍ଟାଲ ଆରମ୍ଭ କରିବେ । ଏହା ପରେ ଭତା ବଂଟନ ପ୍ରକ୍ରିୟାକୁ ନେଇ ହିତାଧିକାରୀ ମଧ୍ୟରେ ନୂଆ ଆଶା ସଂଚାର ହୋଇଥିବା ବେଳେ ବାଲିଆପାଳ ବ୍ଲକରେ ହିତାଧିକାରୀଙ୍କୁ ଭତା ପ୍ରଦାନ କରାଯିବା ଏକ ଉତ୍ତେଖନୀୟ ପଦକ୍ଷେପ ହୋଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଗାଜରେ ବସ୍ତା ବିଧାୟିକା ସୁକାଂସିନୀ ଜେନା ନୂତନ ଭତା ହିତାଧିକାରୀଙ୍କୁ ଭତା ପ୍ରଦାନ କରିଥିଲେ । ବାଲିଆପାଳ ବ୍ଲକ ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ରାଧାରଞ୍ଜନ ବାଙ୍କଙ୍କ ତତ୍ୱବଧାନରେ ହୋଇଥିବା କାର୍ଯ୍ୟକ୍ରମରେ ଏବିଡିଓ ଶରତ କୁମାର ମୁଦୁଲି, ଯୋଗାଣ ଅଧିକାରୀ ବିଶ୍ୱପ୍ରସାଦ ମହାରଣା, ଜିପିଡିଓ ପ୍ରିୟବ୍ରତ ଗିରି, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦାର୍ଯିତ୍ୱରେ ଥିବା ଉଦିତ କୁମାର ମହାପାତ୍ର, ବ୍ଲକ ଉପାଧ୍ୟକ୍ଷ ସମେତ ଜିଲ୍ଲା ପରିଷଦ ସଦସ୍ୟ ଏବଂ ଅନ୍ୟ ଜନ ପ୍ରତିନିଧି ଓ ସାମାଜିକ କର୍ମୀ ମାନେ ଉପସ୍ଥିତ ଥିଲେ । ଭତା ଯୋଜନାରୁ ବଂଚିତ ଥିବା ପ୍ରତ୍ୟେକ ଯୋଗ୍ୟ ବ୍ୟକ୍ତିଙ୍କୁ ନୂତନ ପୋର୍ଟାଲରେ ଭତା ଆବେଦନ ପାଇଁ ବିଡ଼ିଓ ଶ୍ରୀ ଦାସ ପରାମର୍ଶ ଦେଇଛନ୍ତି । ଦାର୍ଘ ଦିନର ଅପେକ୍ଷା ପରେ ହିତାଧିକାରୀ ଭତା ପାଇବା ପରେ ଓଡିଶା ସରକାର, ମୁଖ୍ୟମନ୍ତ୍ରୀ ଓ ବ୍ଲକର ବିଡ଼ିଓ ଙ୍କୁ ଖୁସିରେ ଆତ୍ମହରା ହୋଇ ଧନ୍ୟବାଦ ଜଣାଇଥିବା ଦେଖିବାକୁ ମିଳିଥିଲା ।

ପାତ୍ରପଡ଼ା ଓ ଶ୍ରୀକୋଣାରେ ଦୁଇଟି ସଡ଼କ ପ୍ରକଳ୍ପ ଶିଳାନ୍ୟାସ



ବାଲେଶ୍ୱର, ୧୪/୧୧ (ଆ.ପ୍ର) : ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀର ଗ୍ରାମୀଣ ଯୋଗାଯୋଗ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ପାତ୍ରପଡ଼ା ଓ ଶ୍ରୀକୋଣା ଗ୍ରାମ ପଂଚାୟତରେ ୨ କୋଟି ୭୯ ଲକ୍ଷ ୪ ହଜାର ୭୨୭ ଟଙ୍କା ବ୍ୟୟ ଅଟକଳରେ ଦୁଇଟି ସଡ଼କ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ସଦର ବିଧାୟକ ମାନସ କୁମାର ବଦ । ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଏହି ଦୁଇଟି ପ୍ରକଳ୍ପ କାର୍ଯ୍ୟକାରୀ ହେବ । ପ୍ରଥମ ପ୍ରକଳ୍ପରେ ପାତ୍ରପଡ଼ା ଗ୍ରାମ ପଂଚାୟତର ଆଇଟିଆର୍ ରୋଡ୍‌ଠାରୁ ସିଘୁଆଁ ରୋଡ୍ ପର୍ଯ୍ୟନ୍ତ ସଡ଼କ ନିର୍ମାଣ ପାଇଁ ୧ କୋଟି ୪୬ ଲକ୍ଷ ୩୦ ହଜାର ୩୪ ଟଙ୍କା ବ୍ୟୟ ଅଟକଳ ଉଖାସାଇଛି । ସେହିପରି ଶ୍ରୀକୋଣା ଗ୍ରାମ ପଂଚାୟତରେ ଆଇଟିଆର୍ ରାସ୍ତାଠାରୁ ପୋଖରୀ ଦେଇ ପୁସଲିମ୍ ସାହି ପର୍ଯ୍ୟନ୍ତ ସଡ଼କ ନିର୍ମାଣ ନିମନ୍ତେ ୧ କୋଟି ୩୨ ଲକ୍ଷ ୭୪ ହଜାର ୬୯୩ ଟଙ୍କା ଅଟକଳ କରାଯାଇଛି । ଏହି ଦୁଇଟି ସଡ଼କ ପ୍ରକଳ୍ପ ସମ୍ପୃକ୍ତ ପଂଚାୟତର ଡିଜିନ୍ ଜନସମ୍ପର୍କରେ ଜନୁଏ ଯୋଗାଯୋଗ ବ୍ୟବସ୍ଥା ସହ ସଂଯୋଗ କରିବ । ଏହାଦ୍ୱାରା ଗ୍ରାମାଂଚଳର ମନ୍ଦାଗମନ ସୁବିଧା ବୃଦ୍ଧି ପାଇବା ସହ କୃଷି, ଅଣ୍ଡା ମତ୍ସ୍ୟ, ପଶୁପାଳନ ଭଳି ଯୋଗାଯୋଗ ବ୍ୟବସ୍ଥା ସହ ସଂଯୋଗ କରିବ । ଏହାଦ୍ୱାରା ଗ୍ରାମାଂଚଳର ମନ୍ଦାଗମନ ସୁବିଧା ବୃଦ୍ଧି ପାଇବା ସହ କୃଷି, ସ୍ଥାନୀୟ ବ୍ୟବସାୟ ଓ ଗ୍ରାମୀଣ ଅର୍ଥନୀତିକୁ ଗତି ମିଳିବ ବୋଲି ଆଶା କରାଯାଇଛି । ଏହି ଅବସରରେ ବିଧାୟକ ଶ୍ରୀ ବଦ କହିଥିଲେ ଯେ, ଅଂଚଳରେ ଉନ୍ନତ ଗମନାଗମନ ସୁବିଧା ସୁନିଶ୍ଚିତ କରିବା ତାଙ୍କର ଲକ୍ଷ୍ୟ ହୋଇ ସେ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ଜନ୍ତ ଗମନାଗମନ ସୁବିଧା ସୁନିଶ୍ଚିତ କରିବା ତାଙ୍କର ଲକ୍ଷ୍ୟ ହୋଇ ସେ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଦସ୍ୟ ଗାୟାଧର ବେହେରାଙ୍କ ସମେତ ଚରିମାଗାୟନ ମହାପାତ୍ର, ପର୍ଶୁରାମ ବେହେରା, ଗୌରାଙ୍ଗ ଦାସ, ଅନନ୍ତ ନାୟକ, କାର୍ତିକ ରାଉତ, ଅଜୟ ନାୟକ, ଅଜୟ ବିଶ୍ୱାଳ, ଅଶୋକ ଦାସ, ଅସୀମ ମଲ୍ଲିକ, ରାଧାକୃଷ୍ଣ ମାଝୀ, ଶ୍ରୀମନ୍ତ ମଣ୍ଡଳ, ବୁଲବୁଲି ଖାଣ୍ଡାର, ଜୟନ୍ତ ଓଝା, ପ୍ରତାପ ନାୟକ ଓ ଜଗା ବାସ ପ୍ରମୁଖ ଉପସ୍ଥିତ ଥିଲେ ।

ଅବସରକାଳୀନ ସମ୍ବର୍ଦ୍ଧନା ସଭା



ବଙ୍ଗଦେଶ୍ୱର, ୧୪/୧୧ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ଫିଲା ଥାନା ଅନ୍ତର୍ଗତ ବୋଳ ହରିଜନ ସାହି ପ୍ରାଥମିକ ବିଦ୍ୟାଳୟ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ବର୍ଦ୍ଧନା ସଭାରେ ଶତାଧିକ ଚତୁ ସରକାରୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପଞ୍ଚରୁ ଶିକ୍ଷକ ବିଦୁର ପଢ଼ିଆରୀ ଏବଂ ଉତ୍କୃଳଆ ଶିଶୁକଲ୍ୟାଣ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରମିଳା ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଦୋଳ ପୂର୍ଣ୍ଣମାର ସେ ପାଆରସି ଜୟକୃଷ୍ଣ ମାଝିଙ୍କ ସଭାପତିତ୍ୱରେ ଏବଂ ପ୍ରଧାନ ଶିକ୍ଷକ କମଳାକାନ୍ତ ସାହୁଙ୍କ ପୌରିଚାଳନାରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ସନ୍ଧ୍ୟାରାଣୀ ରାଉତ ଉପସ୍ଥିତ ଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ, ପରିଚାଳନା କମିଟିର ସଭାପତି ତଥା ସଦସ୍ୟ ଓ ସଦସ୍ୟାମାନେ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

ନେବୁଲାଇଜରରେ ଇନ୍‌ସୁଲିନ୍ ଦେବାର ନୂଆ ପଦ୍ଧତି ଉଦ୍ଭାବନ କଲେ ଓଡ଼ିଆ ଡାକ୍ତର



ବାଲେଶ୍ୱର, ୧୪/୧୧ (ଆ.ପ୍ର) : ମଧୁମେହ ରୋଗୀଙ୍କୁ ଇନ୍‌ସୁଲିନ୍ ଦେବା ପାଇଁ ଆଉ ଇଞ୍ଜେକ୍‌ସନ୍ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ । ଇଞ୍ଜେକ୍‌ସନ୍ ବଦଳରେ ନେବୁଲାଇଜର୍ ଜରିଆରେ ଇନ୍‌ସୁଲିନ୍‌କୁ ପ୍ରବାନ କରିବାର ଏକ ନୂତନ ପଦ୍ଧତି ଉଦ୍ଭାବନ କରିଛନ୍ତି ଓଡ଼ିଆ ଡାକ୍ତର ଡା. ପି.କେ. ନନ୍ଦ । ବିଶ୍ୱ ମଧୁମେହ ଦିବସ ଅବସରରେ ଶନିବାର ବାଲେଶ୍ୱରର ଓଡି ଗୋସ୍ପିଟାଲ ହୋଟେଲ ଜାଲକାପାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସେ ନିଜର ଏହି ଗବେଷଣାର ଲାଇଭ୍ ଡେମୋ ପ୍ରଦର୍ଶନ କରିଛନ୍ତି । ଡା. ନନ୍ଦଙ୍କ ଏହି ଉଦ୍ୟମ ମଧୁମେହ ଚିକିତ୍ସା କ୍ଷେତ୍ରରେ ଏକ ନୂଆ ସମ୍ଭାବନା ସୃଷ୍ଟି କରିଛି । ବିଶେଷଜ୍ଞଙ୍କ ଟାଇପ୍-୧ ମଧୁମେହ ରୋଗୀଙ୍କ ପାଇଁ ଇନ୍ ?ସୁଲିନ୍ ? ଜୀବନଦାୟୀ ଅପରିହାର୍ଯ୍ୟ ଔଷଧକୁ ସେମାନଙ୍କୁ ନିୟମିତ ଇଞ୍ଜେକ୍‌ସନ୍ ନେବାକୁ ପଡ଼ିଥାଏ । ଦିନକୁ ଏକାଧିକ ଥର ଇନ୍‌ସୁଲିନ୍ ନେବାର ଆବଶ୍ୟକତା ମଧ୍ୟ ରହିଥାଏ । ଏହା ରୋଗୀଙ୍କ ପାଇଁ ଶାରୀରିକ ଓ ମାନସିକ ଭାବେ ଅସୁବିଧାଜନକ ହୋଇଥାଏ । ଇନ୍‌ସୁଲିନ୍‌ର ଆବିଷ୍କାର ପରଠାରୁ ଶତାବ୍ଦୀକ ବର୍ଷ ବିତିଯାଇଥିବେ ମଧ୍ୟ ଏହାର ପ୍ରମୁଖ ପ୍ରଦାନ ପଦ୍ଧତି ଇଞ୍ଜେକ୍‌ସନ୍ ହିଁ ରହିଆସିଛି । ଇନ୍‌ସୁଲିନ୍‌କୁ ମୁଖ୍ୟତଃ ଇଞ୍ଜେକ୍‌ସନ୍ ବ୍ୟତୀତ ଅନ୍ୟ ସହଜ ଉପାୟରେ ଦେବା ପାଇଁ ବିଶ୍ୱସ୍ତରରେ ଦୀର୍ଘଦିନ ଧରି ଗବେଷଣା ଚାଲିଥିବାବେଳେ ଡା. ନନ୍ଦ ନେବୁଲାଇଜର୍ ଜରିଆରେ ଏହା ପ୍ରଦାନ କରିବାର ଏକ ନୂତନ ପଦ୍ଧତି ଉପସ୍ଥାପନ କରିଛନ୍ତି । ସାଧାରଣତଃ ଆର୍ମ୍ଭା, ଶ୍ୱାସରୋଗ ଓ ସିଓପିଡି ଭଳି ଶ୍ୱାସଜନିତ ରୋଗରେ ଔଷଧ ପ୍ରଦାନ ପାଇଁ ନେବୁଲାଇଜର୍ ବ୍ୟବହାର କରାଯାଇଥାଏ । ଏହି ସାଧାରଣ ଡିକିସା ଉପରକରଣକୁ ଇନ୍‌ସୁଲିନ୍ ପ୍ରଦାନରେ ବ୍ୟବହାର କରିବାର ଧାରଣା ହିଁ ତାଙ୍କ ଆବିଷ୍କାରର ମୁଖ୍ୟ ନୂତନତ୍ୱ ବୋଲି ସେ କହିଛନ୍ତି । ଡା. ନନ୍ଦଙ୍କ କହିବା ଅନୁଯାୟୀ, ସେ ବେଳକ ରୋଗିଏ ନୁହେଁ, ଇଞ୍ଜେକ୍‌ସନ୍ ବିନା ଇନ୍‌ସୁଲିନ୍ ପ୍ରଦାନ ପାଇଁ ତିନୋଟି ପଦ୍ଧତିର ପରିକଳ୍ପନା କରିଛନ୍ତି । ଏଥିମଧ୍ୟରୁ ରୋଟିଏ ପଦ୍ଧତିର ଲାଇଭ୍ ଡେମୋ ସାଧାରଣ ଓ ବିଶେଷଜ୍ଞ ଡାକ୍ତରମାନଙ୍କ ସମ୍ମୁଖରେ ପ୍ରଦର୍ଶନ କରିଥିଲେ । ଭବିଷ୍ୟତରେ ଏହି ପଦ୍ଧତି ଟାବଲେଟ୍, କ୍ୟାପ୍‌ସୁଲ୍ ଓ ଡରକ ଔଷଧ ଆକାରରେ ଇନ୍‌ସୁଲିନ୍ ପ୍ରଦାନର ସମ୍ଭାବନା ମଧ୍ୟ ସୃଷ୍ଟି କରିପାରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି । ଏହା ବର୍ତମାନ ପ୍ରାରମ୍ଭିକ ଗବେଷଣା ଓ ପ୍ରାମାଣିକତାର ପର୍ଯ୍ୟାୟରେ ରହିଛି । ଏହାର ସୁରକ୍ଷା, ଫଳପ୍ରଦତା ଓ ରୋଗୀଙ୍କ ଉପରେ ପ୍ରଭାବ ସମ୍ପର୍କରେ ବ୍ୟାପକ ବୈଜ୍ଞାନିକ ଗବେଷଣା ଓ କ୍ଲିନିକାଲ୍ ପରୀକ୍ଷଣ ଆବଶ୍ୟକ । ଏହି ସବୁ ପର୍ଯ୍ୟାୟ ସଫଳତାର ସହ ଶେଷ ହେବା ପରେ ହିଁ ଏହାକୁ ରୋଗୀଙ୍କ ଚିକିତ୍ସାରେ ପ୍ରତ୍ୟକ୍ଷ କରାଯାଇପାରିବ । ଏହି ଗବେଷଣାକୁ ଆଗକୁ ନେବା ପାଇଁ ଭାରତୀୟ ଚିକିତ୍ସା ଗବେଷଣା ପରିଷଦ (ଆଇସିଏମ୍‌ଆର) ଓ ଏମ୍ସ ଭଳି ପ୍ରତିଷ୍ଠିତ ଅନୁଷ୍ଠାନ ସହଯୋଗ କରିବେ ବୋଲି ଡା. ନନ୍ଦ ଆଶା ପ୍ରକାଶ କରିଛନ୍ତି । ତାଙ୍କର ଏହି ଉଦ୍ୟମ ସଫଳ ହେଲେ ମଧୁମେହ ରୋଗୀଙ୍କ ଦୈନନ୍ଦିନ ଜୀବନରେ ଏକ ବଡ଼ ପରିବର୍ତନ ଆସିପାରେ । ବିଶେଷକରି ନିୟମିତ ଇନ୍‌ସୁଲିନ୍ ନେବାକୁ ଚାଧ ରୋଗୀଙ୍କ ପାଇଁ ଏହା ଏକ ସହଜ ଓ ବିକଳ୍ପ ଚିକିତ୍ସା ପଦ୍ଧତିର ଦ୍ୱାର ଖୋଲିପାରେ । ଏତେବ ଏହି ନୂତନ ପଦ୍ଧତିକଳ୍ପନାର ବୈଜ୍ଞାନିକ ପ୍ରମାଣୀକରଣ ଓ ପରବର୍ତୀ ଗବେଷଣା ଉପରେ ସମସ୍ତଙ୍କ ନଜର ରହିଛି ।

ରାଜ୍ୟ ବ୍ୟାଡମିଂଟନ ଚାମ୍ପିଅନ୍ ହେଲେ ବାଲେଶ୍ୱରର ଆରିଆ ମାଝୀ



ବାଲେଶ୍ୱର, ୧୪/୧୧ (ଆ.ପ୍ର) : ବ୍ୟାଡମିଂଟନ କ୍ରୀଡ଼ା କ୍ଷେତ୍ରରେ ବାଲେଶ୍ୱର ପାଇଁ ଆଉ ଏକ ଗୌରବ ଅର୍ଜିତ ହୋଇଛି । ବ୍ୟାଡମିଂଟନ ଖେଳନ୍ତି ଅଭିଆ ମାଝୀ । ସଦ୍ୟ ସମାପ୍ତ ୪୦ତମ ଅଲ୍ ଓଡ଼ିଶା ସିନିୟର ରାଜ୍ୟ ବ୍ୟାଡମିଂଟନ ଚାମ୍ପିଅନସିପ୍‌ରେ ସେ ମୁନ୍ଦରାର ମୁଖ୍ୟ ସିଙ୍ଗଲ୍ସ ଟାଇଟେଲ ଲାଭ କରିଛନ୍ତି । ଏହି ସଫଳତା ସହିତ ଆମାନ୍ତା ଜାତୀୟ ସିନିୟର ବ୍ୟାଡମିଂଟନ ଚାମ୍ପିଅନସିପ୍‌ର ମୁଖ୍ୟ ସିଙ୍ଗଲ୍ସ ବର୍ଗରେ ଖେଳବାର ସୁଯୋଗ ମଧ୍ୟ ମିଳିଛି । ନରେନ୍ଦ୍ରର ୧୨ରୁ ୧୪ ଚାଲିଶ ପର୍ଯ୍ୟନ୍ତ ଭୁବନେଶ୍ୱରର ପୋଖରୀମୁଡ଼ା ଭେଲୋ ଷ୍ଟାଡିୟମରେ ଓଡ଼ିଶା ରାଜ୍ୟ ବ୍ୟାଡମିଂଟନ ଆସୋସିଏସନ୍ ପକ୍ଷରୁ ଏହି ଚାମ୍ପିଅନସିପ୍ ଆୟୋଜିତ ହୋଇଥିଲା । ଏଥିରେ ରାଜ୍ୟର ସମସ୍ତ ଜିଲ୍ଲାରୁ ୧୫୦ରୁ ଉର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଥିବେ । ପ୍ରତିଯୋଗିତାର ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଆରିଆ ମାଝୀ ସମ୍ବଲପୁର ଜିଲ୍ଲାର ଖେଳାଳି ତାହସିଫ ଖାନଙ୍କୁ ଦୃଢାୟ ସେଟ୍‌ରେ ପରାସ୍ତ କରି ଚାମ୍ପିଅନ୍ ହୋଇଥିଲେ । ତାଙ୍କର ଏହି ବିଜୟ କ୍ରୀଡ଼ା କ୍ଷେତ୍ରରେ ନିରନ୍ତର ପ୍ରଦର୍ଶନ ଓ ଦକ୍ଷତାର ପରିଚୟ ଦେଇଛି । ଆସନ୍ତା ଡିସେମ୍ବର ୧୮ରୁ ୨୪ ଚାଲିଶ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଜାତୀୟ ସିନିୟର ବ୍ୟାଡମିଂଟନ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ । ଏଥିରେ ଓଡ଼ିଶା ପକ୍ଷରୁ ପୁରୁଷ ସିଙ୍ଗଲ୍ସ ବର୍ଗରେ ଆରିଆ ଅଂଶଗ୍ରହଣ କରିବେ । ତାଙ୍କର ଏହି ଉତ୍ତରୋତ୍ତର ସଫଳତାରେ ବାଲେଶ୍ୱରର ବ୍ୟାଡମିଂଟନ ଖେଳାଳି, ଜିଲ୍ଲା ବ୍ୟାଡମିଂଟନ ସଂଘର କର୍ମକର୍ତା ଓ ସଦସ୍ୟମାନେ ଖୁସି ପ୍ରକାଶ କରିବା ସହ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଆଗାମୀ ଜାତୀୟ ଚାମ୍ପିଅନସିପ୍‌ରେ ମଧ୍ୟ ସେ ଉତ୍କୃଷ୍ଟ ପ୍ରଦର୍ଶନ କରି ବାଲେଶ୍ୱର ଓ ଓଡ଼ିଶାର ଗୌରବ ବୃଦ୍ଧି କରିବେ ବୋଲି ସେମାନେ ଆଶା ପ୍ରକାଶ କରିଛନ୍ତି ।

ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ନେହେରୁଙ୍କ ଜୟନ୍ତୀ ପାଳିତ



ବାଲେଶ୍ୱର, ୧୪/୧୧ (ଆ.ପ୍ର) : ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ତଥା ଆଧୁନିକ ଭାରତର ନିର୍ମାତା ଭାରତରତ୍ନ ପଣ୍ଡିତ ଜବାହରଲାଲ ନେହେରୁଙ୍କ ୧୩୬ତମ ଜୟନ୍ତୀ ଶୁଦ୍ଧିବାର ପୂର୍ବାହ୍ନରେ ବାଲେଶ୍ୱର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲା କଂଗ୍ରେସର ବରିଷ୍ଠ ନେତା ଓ କାର୍ଯ୍ୟକର୍ତାଙ୍କ ସମେତ ଯୁବ, ଛାତ୍ର ଓ ମହିଳା କଂଗ୍ରେସର କର୍ମୀମାନେ ଉପସ୍ଥିତ ରହି ପଣ୍ଡିତ ନେହେରୁଙ୍କ ଫ

ଶତାବ୍ଦୀର
ଆରମ୍ଭ
SEITHO AKAMBHA
ରବିବାର ୧୫ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ
କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ



ସମ୍ପାଦକୀୟ...

ଭୃତ୍ୟଭାବାପନ୍ନ ଶିକ୍ଷା

ମନୁଷ୍ୟ ଶରୀରରେ ଆଖି, କାନ, ପାଟି ଆଦି ସବୁ ଅଙ୍ଗପ୍ରତ୍ୟଙ୍ଗ ସହିତ ଅଗିନ୍ଦ୍ର ଭାବରେ ସମ୍ପୃକ୍ତ । ଏହି ଅଙ୍ଗପ୍ରତ୍ୟଙ୍ଗ ଯେପରି ମନୁଷ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ ସେହିପରି ସାମାଜିକ ପ୍ରକ୍ରିୟାର ଏକ ଅଙ୍ଗ ଭାବରେ ମନୁଷ୍ୟ ମଧ୍ୟ ସମାଜ ପାଇଁ ଗୁରୁତ୍ୱ ପୂର୍ଣ୍ଣ । ମନୁଷ୍ୟ ମାନବଜାତିର ଏକ ଅଂଶ । ପ୍ରକୃତି ଈଶ୍ୱରଙ୍କର ଏକ ଅଂଶ । ଏହି ପାରଦ୍ଧାରିକ ସମ୍ପର୍କକୁ ମନୁଷ୍ୟ ଜାଣିପାରି ନାହିଁ । ପ୍ରକୃତିରେ ଯାହା କିଛି ଦେଇଛି ସେଥିରେ ମନୁଷ୍ୟ ଏକ ପ୍ରକାରର ମଂଚଳିତ୍ଦେଇଛ ପରି । ନିଜର ଦାୟିତ୍ୱକୁ ଗୁଳିଯାଇ ମନୁଷ୍ୟ ନିଜର ଅଧିକାର ପାଇଁ ଲଢ଼ିଛି । ଗଲାର ଲାଭରେ ଅନୁସନ୍ଧାନ କଲେ ଜଣାଯିବ ଯେ ଏ ସଂସାରରେ ମନୁଷ୍ୟର କୌଣସି ଅଧିକାର ନାହିଁ । ତାର ଭେଦର କର୍ତବ୍ୟ ଅଛି, ଅଧିକାର ନୁହେଁ । ନିଜର କର୍ତବ୍ୟ ସମ୍ପାଦନ ନ କରି ଅଧିକାର ପାଇଁ ଲଢ଼ିବା ନିର୍ବୋଧତା । ଆଜିର ଚିନ୍ତା ଓ ଚେତନାକୁ ଦେଖିଲେ ଜଣାପଡ଼େ ଯେ, ସଂସାରରେ ସବୁ ପ୍ରକାର ଦ୍ୱନ୍ଦ୍ୱ ଓ ବିଶୃଙ୍ଖଳାର କାରଣ ହେଉଛି ମନୁଷ୍ୟ ନିଜର କର୍ତବ୍ୟକୁ ଭୁଲିଯିବା । ପ୍ରତ୍ୟେକ ବ୍ୟକ୍ତି ନିଜର କର୍ତବ୍ୟକୁ ସୁ ସମ୍ପାଦନ କଲେ ଜଗତ ଶାନ୍ତ ଓ ସମୃଦ୍ଧ ହେବ । ତାର ଏକମାତ୍ର ଅଧିକାର ହେଉଛି ନିଜର କର୍ତବ୍ୟ ସମ୍ପାଦନ କରିବା । ତାର ଆଉ ଅନ୍ୟ କୌଣସି ଅଧିକାର ନାହିଁ । ପିତାମାତାମାନେ ନିଜର କର୍ତବ୍ୟ ସମ୍ପାଦନ କଲେ ପିଲମାନେ ମଧ୍ୟ ନିଜର ଦାୟିତ୍ୱ ବୁଝିପାରନ୍ତି କରିବେ । ପିଲାମାନେ ନିଜର ପିତାମାତାଙ୍କ ପ୍ରତି କର୍ତବ୍ୟ ସମ୍ପାଦନ କଲେ ପିତାମାତାମାନେ ସନ୍ତାନିତ ହେବେ । ସେହିପରି ଶିକ୍ଷକମାନେ ସେମାନଙ୍କର କର୍ତବ୍ୟ ସମ୍ପାଦନ କଲେ ଛାତ୍ରମାନେ ଠିକ ଭାବରେ ଆଚରଣ କରିବେ । ଛାତ୍ରଛାତ୍ରୀମାନେ ସେମାନଙ୍କର କର୍ତବ୍ୟ ଠିକ୍ ଭାପରରେ ସମ୍ପାଦନ କଲେ, ଜର୍ମକର୍ତାମାନେ ସନ୍ତାନ ଲାଭ କରିବେ ।' ଆଜି ଲୋକମାନେ ସେମାନଙ୍କର ଦାୟିତ୍ୱ ବୁଝି ଯାଉଛନ୍ତି । ଜଗତ ପରଵର ସହିତ ସମ୍ପୃକ୍ତ ଅଂଶଗୁଡ଼ିକର ଏକ ଅଙ୍ଗ ଏକକ ଅଟେ । ପ୍ରତ୍ୟେକ ନିଜର କର୍ତବ୍ୟ କଲେ ସମସ୍ତଙ୍କୁ ଜାଇ ମିଳିବ । ମଣିଷ ନିଜର କର୍ତବ୍ୟ ସମ୍ପାଦନ କରିବାକୁ ଯୋଗ୍ୟ, ତାହାର ଫଳ ପାଇଁ ନୁହେଁ । ପୁଜ୍ୟଶ୍ରୀ ବୁମାର ଲାଭ ତାହା ଦିବ୍ୟ ସମ୍ପାଦରରେ ବିଶେଷକରି ବିଦ୍ୟାର୍ଥୀମାନଙ୍କ ପ୍ରତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମାନକୁ ଆଧ୍ୟାତ୍ମିକ ଉଦ୍‌ବୋଧନରେ ଉଦ୍‌ଘୋଷଣା କରିଛନ୍ତି । ବ୍ୟାପାରି ଶିକ୍ଷା ଜଗତ ବହୁବିଧ ସମସ୍ୟାରେ ପରିପୂର୍ଣ୍ଣ । ତାହା ସମ୍ପୃକ୍ତ ଚତୁର୍ଥସ୍ତମ୍ଭକୁ ବିଚଳିତ କରୁଛି । ଶିକ୍ଷା ପଦ୍ଧତି ସମାଜରେ ମାନବୀୟ ମୂଲ୍ୟବୋଧର ବିଧ୍ୱଂସରେ ସହାୟକ ହେଉଛି । ଦେଶର ସର୍ବବିଧ କଲ୍ୟାଣର ଅନିବୃତ୍ତି ପିଢ଼ରେ ଶିକ୍ଷାନୁଷାନଗୁଡ଼ିକ ନେତୃତ୍ୱ ନେତା କଥା, କିନ୍ତୁ ସେଗୁଡ଼ିକ ଦେଶକୁ ପଥଭ୍ରଷ୍ଟ କରୁଛନ୍ତି । ତ୍ୟାଗ, ଚରିତ୍ରବତା, ସାଧୁତା ଓ ନୈତିକତା ଆଦି ମାନବୀୟ ମୂଲ୍ୟବୋଧଗୁଡ଼ିକ ପ୍ରାୟ ଉଭେଇ ଗଲେଣି । ଆମର ଯାହା ବଡାରାର ତାହା ଏକ ନୂତନ ଶିକ୍ଷାପଦ୍ଧତି ବା ଏକ ନୂତନ ସମାଜ ବ୍ୟବସ୍ଥା କିମ୍ବା ଏକ ନୂଆ ଧର୍ମ ନୁହେଁ । ନୂତନ ସମାଜ-ବ୍ୟବସ୍ଥା ପ୍ରତିଷ୍ଠା ପାଇଁ ବହୁ କଳ୍ପନା ଜଳ୍ପନା ହେଉଛି । ଏ ସବୁ ବୃଥା ବାଗ୍ଜାମ । ଆଜି ଆମର କେବଳ ଉତମ ଲୋକ ବରକାର । ମହତ୍ ମନ ଓ ହୃଦୟସମ୍ପନ୍ନ ଲୋକମାନେ ରହିଲେ ରାଷ୍ଟ୍ର ପ୍ରଗତିଶୀଳ ହେବ । ଏପରି ଲୋକମାନେ ସମାଜରେ ସେତେକିବେଳେ ବାହାରିବେ ଯେତେବେଳେ ସମାଜରେ ମାନସିକ ନିର୍ମଳତା ଓ ନୈତିକତା ରହିବ । ନୈତିକ ମୂଲ୍ୟବୋଧରେ ପ୍ରତିଷ୍ଠିତ ସମାଜ ହିଁ ଏପରି ମହତ୍ ଲୋକମାନଙ୍କର ସୃଷ୍ଟି କରିପାରିବ । ନୈତିକତା ଓ ଚରିତ୍ରବତା ଆଧ୍ୟାତ୍ମିକ ଚେତନା ଉପରେ ଆଧାରିତ । ନୈତିକତା ଓ ଚରିତ୍ରବତା ଆଧ୍ୟାତ୍ମିକତା ଉପରେ ନିର୍ଭରଶୀଳ । ଆଧ୍ୟାତ୍ମିକ ଶକ୍ତି ବିଶ୍ୱଶାନ୍ତି, ମାନବୀୟ ପ୍ରଗତି ଓ ସମୃଦ୍ଧିର ଉତ୍ତରର ଉତିଷ୍ୟତ ପାଇଁ ମାର୍ଗ ପ୍ରଶସ୍ତ କରେ ।' ମନୁଷ୍ୟ ଆଧ୍ୟାତ୍ମିକତାକୁ ଗୁଳିଯାଇ ବିଷୟ ବାସନା ଉପରେ ଆଧାରତ କୃତ୍ରିମ ଜୀବନ ଯାପନ କରୁଛି । ରାଷ୍ଟ୍ରର କଲ୍ୟାଣ ନିମନ୍ତେ ଶିକ୍ଷାର ପ୍ରୟୋଗ ହେବା ଉଚିତ । ଶିକ୍ଷା ମାଧ୍ୟମରେ ଉପଲବ୍ଧ ଜ୍ଞାନ ସମାଜର କଲ୍ୟାଣ ନିମନ୍ତେ ନିଃସ୍ୱାର୍ଥପର ଭାବରେ ବିନିଯୋଗ କରାଯିବା ଉଚିତ । ଛାତ୍ରମାନଙ୍କ ମଧ୍ୟରେ ଏହିପରି ମନୋଭାବ ବିକଶିତ କରିବାକୁ ହେରେ ସେମାନେ ଉତମ ଗୁଣାବଳୀର ଅନୁଶୀଳନ କରିବା ଉଚିତ । କେବଳ ଉତମ ଚରିତ୍ରସମ୍ପନ୍ନ ଛାତ୍ରର ମାତୃଭୂମି ପ୍ରତି ପ୍ରେମ ଓ ସମାଜକଲ୍ୟାଣ ପାଇଁ ଚିନ୍ତା ରହିବ । ଶିକ୍ଷା ବିଶ୍ୱକଲ୍ୟାଣ ପାଇଁ ଉତ୍ସର୍ଗିତ ହେବା ଉଚିତ ।

ସଙ୍କଟରେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ

॥ ରବି ରଥ ॥

ଗଣତନ୍ତ୍ରିକ ବ୍ୟବସ୍ଥାରେ ତିନୋଟି ସ୍ତମ୍ଭ ମଧ୍ୟରୁ ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମର ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ । ଅନ୍ୟ ତିନୋଟି ସ୍ତମ୍ଭ ଯଥା ସଂସଦୀୟ ବ୍ୟବସ୍ଥା, ବିଚାର ବିଭାଗ ଓ ଅମଲାତନ୍ତ୍ରକୁ ସରଳାରୀ ସ୍ୱାକୃତି ପ୍ରଦାନ କରାଯାଇଥିବା ବେଳେ ଏହି ତିନୋଟି ସ୍ତମ୍ଭର ଦୋଷ ତ୍ରୁଟିକୁ ଗଣମାଧ୍ୟମର ହିଁ ସଂଶୋଧନ କରିବା ଦାୟିତ୍ୱ ରହିଛି । କିନ୍ତୁ ଆଜି ଦେଶରେ ଦେଖା ଦେଇଥିବା ବିପର୍ଯ୍ୟୟ ପରିସ୍ଥିତିରେ ଗଣମାଧ୍ୟମ ପ୍ରଶ୍ନ ପାଇଁପାରିଛାନ୍ତି । ଅପରପକ୍ଷରେ କର୍ପୋରେଟ ହାଉସମାନଙ୍କ ଦ୍ୱାରା ଏହା ନିୟନ୍ତ୍ରିତ ହେଉଥିବାରୁ ଗଣମାଧ୍ୟମର ନିରପେକ୍ଷତା ଉପରେ ପ୍ରଶ୍ନ ଚିହ୍ନ ଲାଗିଛି । ସମ୍ବାଦପତ୍ର ସେବା କିମ୍ବା ବୈଦ୍ୟୁତିକ ଗଣମାଧ୍ୟମ, ଏହା ସବୁବେଳେ ସମାଜର ଜାଗ୍ରତ ପ୍ରହରୀ ଭାବେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ପରାଧୀନତାର ଶୃଙ୍ଖଳରୁ ଦେଶକୁ ମୁକ୍ତ କରିବା ପାଇଁ ବହୁ ନେତୃତ୍ୱର ସମ୍ବାଦପତ୍ର ମାଧ୍ୟମରେ ଦେଶରେ ଜନମତ ସୃଷ୍ଟି କରିବାରେ ଲାଗି ପଡ଼ିଥିଲେ । ସେମାନଙ୍କ ଜଳିଛ ଲେଖା ଦେଶରେ ନବ ଜାଗରଣ ସୃଷ୍ଟି କରିବାରେ ଦେଖି ପଂଚପ୍ରତ ହୋଇଥିଲା । ବାଳ ଗଙ୍ଗାଧର ତିଲକ, ଗୋପାଳକୃଷ୍ଣ ଗୋଖେଳ, ମହାତ୍ମା ଗାନ୍ଧୀଙ୍କ ଜଳି ନେତୃତ୍ୱର ଏହି ସବୁ ସମ୍ବାଦପତ୍ର ପ୍ରକାଶନର ମଂଚ ଧରିଥିଲେ । ଦେଶକୁ ସ୍ୱାଧୀନତାର ସ୍ୱାଦ ଚଖେଇବା ଥିଲା ଏହି ମହାପୁରୁଷ ମାନଙ୍କ ସମ୍ବାଦପତ୍ର ପ୍ରକାଶନର ମୂଳ ଉଦ୍ଦେଶ୍ୟ । ଠିକ ସେହିପରି ସ୍ୱାଧୀନତାର ପ୍ରାକ୍‌କାଳରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ନେଇ ଯେଉଁ ଭାଷା ଆନ୍ଦୋଳନର ସୂତ୍ରପାତ ହୋଇଥିଲା ସେହି ଆନ୍ଦୋଳନକୁ ଆ ।ଗକୁ ନେବାରେ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ସାମ୍ବାଦିକ ଗଙ୍ଗିଗୁରୁଣ୍ଡ ରଥ, ନୀଳମଣି ବିଦ୍ୟାରତ୍ନ, ପଣ୍ଡିତ ନୀଳକଣ୍ଠ ଦାସ, କୃପାସିନ୍ଧୁ ନରେନ୍ଦ୍ର ଦେବ ପ୍ରମୁଖ ବିଜିନ୍ନ ଓଡ଼ିଶା । ସମ୍ବାଦପତ୍ର ପ୍ରକାଶ ଜରି ସେଥିରେ ଓଡ଼ିଆ ଓ ଓଡ଼ିଶାର ସ୍ୱାର୍ଥରକ୍ଷା ପାଇଁ ନିଜର ମତ ଓ ମନ୍ତବ୍ୟ ରଖୁଥିଲେ । ସ୍ୱାଧୀନତା ପ୍ରାପ୍ତି ପରେ ଓଡ଼ିଶାରେ ସମ୍ବାଦପତ୍ର ସଂଖ୍ୟା ବୃଦ୍ଧି ପାଇଲା । ଅପରପକ୍ଷରେ ଜେତେକ ସମ୍ବାଦପତ୍ରର ମଧ୍ୟ ଅକାଳ ମୃତ୍ୟୁ ଘଟିଲା । ଅତୀତରେ ସାମ୍ବାଦିକମାନଙ୍କର ଦାୟିତ୍ୱବୋଧ ଓ ନିଷ୍ଠା ଅନ୍ୟମାନଙ୍କ ପାଇଁ ଉଦାହରଣ ପାଇନ୍ତିଥିଲା । ସେମାନଙ୍କ ପ୍ରତି ସବୁ ଶ୍ରେଣୀର ଜନସାଧାରଣଙ୍କ ସମ୍ମାନ ରହୁଥିଲା । ଆଜିକାଲି କିନ୍ତୁ ଏ କ୍ଷେତ୍ରରେ ଦାୟିତ୍ୱବୋଧ ଓ ନିଷ୍ଠା ଅଭାବରୁ ସାମ୍ବାଦିକତାର ମାନ ହ୍ରାସ ପାଇବାରେ ଲାଗିଛି । ଏହା ସହିତ ସମ୍ବାଦପତ୍ରଗୁଡ଼ିକର ଯେଉଁ ମୌଳିକ ଲକ୍ଷ୍ୟ ଉଦ୍ଦେଶ୍ୟ ରହିଥିଲା ତାହା ମଧ୍ୟ ଆଜି ମଉଳିବାରେ ଲାଗିଛି । ସମ୍ପ୍ରତି ଅନେକ ସମ୍ବାଦପତ୍ର ରାଜନୈତିକ ଦଳ ଓ ବ୍ୟକ୍ତିବିଶେଷଙ୍କ ମାଲିକାନାରେ ପ୍ରକାଶ ପାଉଥିବାରୁ ସମ୍ବାଦ ପରିବେଷଣରେ ଆ ।ଜ ନିରପେକ୍ଷତା ପରିଲକ୍ଷିତ ହେଉନାହିଁ । ଏହା ଦେଶ, ସମାଜ ଓ ଗଣତନ୍ତ୍ର ପାଇଁ ଅ ।ଦୌ ଶୁଭଙ୍କର ନୁହେଁ । ସ୍ୱାଧୀନ ଗଣମାଧ୍ୟମର ଗୁରୁତ୍ୱ ହ୍ରାସ ପାଇବା ସହ ଏହା ଜନସାଧାରଣଙ୍କ ବିଶ୍ୱାସନିୟତା ହରାଇ ବସିଲାଣି । ମୂଲ୍ୟବୋଧ ଓ ଆଦ୍ଦାଳତବଦ୍ଧତାକୁ ଗୁରୁତ୍ୱ ନ ଦେବା ଏହାର ମୁଖ୍ୟ କାରଣ ବୋଲି କୁହାଯାଇଛି । ଦେଶର ସ୍ୱାଧୀନତା ପରେ ସମ୍ବାଦପତ୍ର ସଂଖ୍ୟା ବୃଦ୍ଧି ପାଇଥିବା ବେଳେ ମୂଲ୍ୟବୋଧ ସହ କିନ୍ତୁ ସାଲିସ କାରାସାରନଥିଲା । ଏଥିଯୋଗୁଁ ସମ୍ବାଦପତ୍ରରେ ସ୍ଥାନ ପାଉଥିବା ଖବରକୁ ସେତେବେଳେ ସମସ୍ତେ ବିଶ୍ୱାସ କରୁଥିଲେ । ଏକଦିଂଶ ଶତାବ୍ଦୀ ପ୍ରାରମ୍ଭରୁ ଗଣମାଧ୍ୟମରେ ବ୍ୟାପକ ପରିବର୍ତନ ଆସିଛି । ଇଂଟରନେଟ ଓ ମୋବାଇଲ ଦ୍ୱାରା ଚାଳିତ ବୈଦ୍ୟୁତିକ ଗଣମାଧ୍ୟମ ଖୁବ କମ ସମୟରେ ଖବର ପାଠ ତାହାକୁ ପ୍ରକାଶନ କରାଯିବା ସହ ଟିଭି ଚ୍ୟାନେଲରେ ମଧ୍ୟ ପ୍ରଦର୍ଶିତ କରାଯାଇପାରୁଛି । ଅପରପକ୍ଷରେ ଏବେ ଗଣମାଧ୍ୟମ ପକ୍ଷପାତିତା ଓ ବ୍ୟକ୍ତିକେନ୍ଦ୍ରିକ ହୋଇଥିବାରୁ ଏକାଧିକ ଖବରକାଗଜ ନ ପଢ଼ିଲେ ଓ ଏକାଧିକ ଟିଭି ଚ୍ୟାନେଲ ନ ଦେଖିଲେ ସତ୍ୟାସତ୍ୟ ଜାଣିବା ସମ୍ଭବପର ହେଉନାହିଁ । ସମ୍ବାଦପତ୍ର ଗୁଡ଼ିକରେ ଭିନ୍ନ ଭିନ୍ନ ଢଙ୍ଗରେ ସମ୍ବାଦ ଓ ମତ ମନ୍ତବ୍ୟ ପ୍ରକାଶ କରାଯାଇଥିବାରୁ ଏଭଳି ସମ୍ବାଦକୁ ଜନସାଧାରଣ ସହଜରେ ଗ୍ରହଣ କରିପାରୁନଥିଲେ । ପୂର୍ବରୁ ସମ୍ବାଦପତ୍ରଗୁଡ଼ିକ ମିଶନ ଭାବେ କାର୍ଯ୍ୟ କରୁଥିଲା ଏବେ କିନ୍ତୁ କମିଶନ ବ୍ୟାପାରରେ ସମ୍ବାଦପତ୍ରମାନେ କାର୍ଯ୍ୟ କରୁଥିବା ଯୋଗୁଁ ସେମାନେ ଲିଖ ଓ ଅ ।ଦର୍ଶରୁ ବିଚ୍ୟୁତ ହେଉଛନ୍ତି । କର୍ପୋରେଟ ହାଉସମାନଙ୍କ ଜରଜରରେ ଏବେ ବହୁ ସମ୍ବାଦପତ୍ର ପରିଚାଳିତ ହେଉଥିବା ଦୃଷ୍ଟିଗୋଚର ହେଉଛି । ସେହି କାରଣରୁ ଆ ଜିକାଲି ମୂଲ୍ୟ ବଢ଼ନରେ (ପେଡ୍ ନ୍ୟୁଜ୍) ସମ୍ବାଦ ଛାପିବା ତା ଟିକିରେ ସମ୍ବାଦ ପରିବେଷଣ କରିବାର ଏକ ହାଳ ପରମ୍ପରା ଆରମ୍ଭ ହୋଇଯାଇଥିବା ଦେଖିବାକୁ ମିଳିଛି । ଏ ପ୍ରକାର ଅନୈତିକ ଓ ଜାତ କାର୍ଯ୍ୟରେ କିଛି ଗଣମାଧ୍ୟମ ସାମ୍ପୃକ୍ତ ରହୁଥିବାରୁ ଗଣମାଧ୍ୟମ ସାମୂହିକ ଭାବେ ଆଜି ସମାଜ ଆଖିରେ ନ୍ୟୁନ ହେବା ସହ ନିନ୍ଦିତ ମଧ୍ୟ ହେଉଛି । ଏବେ ଶିକ୍ଷନ୍ତିମାନେ ବଡ଼ ବଡ଼ ସମ୍ବାଦପତ୍ର ଓ ଗଣମାଧ୍ୟମକୁ ନିୟନ୍ତ୍ରଣ କରୁଥିବାରୁ ସମ୍ବାଦପତ୍ରର ନିରପେକ୍ଷତା ପ୍ରତି ପ୍ରଶ୍ନବାଚା ସୃଷ୍ଟି ହେବା ସହ ସଙ୍କଟକୁ ଠେଲି ହୋଇଯାଇଛି । ଆଜିର ପରିପ୍ରେକ୍ଷୀରେ ଗଣମାଧ୍ୟମରେ କାର୍ଯ୍ୟରତ ସାମ୍ବାଦିକ ଓ କର୍ମଚାରୀ ଏଥିପ୍ରତି ଯଳବାନ ହେବା ସହ ଗଣମାଧ୍ୟମର ମର୍ଯ୍ୟାଦାକୁ ଅକ୍ଷୁର୍ଣ୍ଣ ରଖିବା ଦିଗରେ କାର୍ଯ୍ୟ କରିବାର ସମୟ ଆ ସିଛି । ଅତୀତରେ ସମ୍ବାଦପତ୍ରର ଯେଉଁ ପ୍ରତିଷ୍ଠା ଓ ଲୋକପ୍ରିୟତା ରହିଥିଲା ତାହା ଦିନକୁ ଦିନ ନିମ୍ନଗାମୀ ହେଉଥିବାରୁ ସାଧାରଣରେ ଗଣମାଧ୍ୟମ ପ୍ରତି ଆସ୍ଥା ଓ ବିଶ୍ୱାସ ତ୍ରୁଟି ଯାଉଥିବା ଘଟଣା ଉଦବେଗଜନକ । ବିଶେଷକରି ଗ୍ରାମ୍ୟ ତଥା ଗଣତନ୍ତ୍ର ପ୍ରକାଶ ପାଉଥିବା ହଜାର ହଜାର କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର କେତ୍ତ ଓ ରାଜ୍ୟ ସରକାରଙ୍କ ନୂତନ ବିଜ୍ଞାପନ ନୀତି ଯୋଗୁଁ ବହୁ ସମ୍ବାଦପତ୍ର ବନ୍ଦ ହେବାକୁ ବସିଲାଣି । ଏପରିକି ପୂର୍ବରୁ ଜାତୀୟ ଦିବସ ମାନଙ୍କରେ ଡିଏଭିପି ପକ୍ଷରୁ ବିଜ୍ଞାପନକୁ ବନ୍ଦ କରି ଦିଆଯାଇଛି । ଏଠାରେ ଉଲ୍ଲେଖ କରାଯାଇପାରେ କୋଭିଡକୁ ବୃଦ୍ଧିରେ ଗତ ଦେଢ଼ ବର୍ଷ ଧରି ରାଜ୍ୟ ସଚିବାଳୟକୁ ସାମ୍ବାଦିକ ଓ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ କୌଣସି ଜାତର ନଥାଇ ଆକଟ କରାଯାଇଛି । ଏହା ମଧ୍ୟ ଗଣମାଧ୍ୟମର କଣ୍ଠରୋଧ ଅଟେ । ଭାରତ ବର୍ଷର ପ୍ରଧାନମନ୍ତ୍ରୀ ମୋଦୀଙ୍କ ୧୨ ବର୍ଷର ଶାସନ ଓ ଓଡ଼ିଶାର ପୂର୍ତତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୨୪ ବର୍ଷ ଶାସନ ମଧ୍ୟରେ ଜଉୟେ କୌଣସି ସାମାଜିକ ସଲ୍ଲିକୀରଣ ସଙ୍ଗୁଖାନ ଲୋକମାନ୍ୟ ପୂର୍ବାଞ୍ଚଳର ବିଷୟ । ଆଜିକାଲି ଗଣମାଧ୍ୟମରେ ଯାହା ପ୍ରକାଶ ପାଉଛି ତାହା ସଂପୃକ୍ତ ଗଣମାଧ୍ୟମର ବକ୍ତବ୍ୟ ନୁହେଁ । ଜାରୀ ସରକାର ଓ କର୍ପୋରେଟ ହାଉସମାନଙ୍କ ନିର୍ଦ୍ଦେଶରେ ସମ୍ବାଦ ପରିବେଷିତ ହେଉଛି । ଅପରପକ୍ଷରେ ୧୯୭୫ ଜୁନ ୨୫ ଜରୁରୀକାଳିନ ପରିସ୍ଥିତି ବେଳେ ସମ୍ବାଦପତ୍ରର ଯେଉଁ ଲଖଲେଖି କରାଯାଇଥିଲା ସେଭଳି ଆ ।ଜି ମଧ୍ୟ ଅଘୋଷିତ ଭାବେ ସମ୍ବାଦପତ୍ର ଜରୁରୀ ପରିସ୍ଥିତି ଜାରି ହୋଇଥିବା ଧ୍ୱଣି ତାରି ହେଉଛି । ନିର୍ଦ୍ଦିଷ୍ଟ ବିଚାରଧାରା ଉପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ ବଡ଼ିବାକୁ ଦିଆ ଯାଇଛି । ଯାହା ଫଳରେ ସମ୍ବିଧାନର ମୂଲ୍ୟବୋଧ ଓଟରୋଇ ଖବର ପ୍ରକାଶ ପାଉଛି । ଏହାସତ୍ତ୍ୱେ କେତେକ ମୁଷ୍ଟିମେୟ ଗଣମାଧ୍ୟମ ସେମାନଙ୍କ ବିଚାରରୁ ଓହରିନାହାନ୍ତି । ଦୀର୍ଘଦିନ ଧରି ରୋଟ ଚୋରି ଘଟଣାର ପର୍ଦ୍ଦାଫାଶ ହରିବାରେ ଲଖିତ ନ ଏକ୍ସପ୍ରେସ୍ ଏକ ଜିରୋଟ ଜାରତ ବର୍ଷ ତଥା ବିଶ୍ୱରେ ଜଳରେ ସୃଷ୍ଟି କରିପାରିଛି । ଗଣମାଧ୍ୟମରେ ଜାଧ୍ୟତ୍ତ ସାମ୍ବାଦିକ ବା ସଂପାଦକ କିଛି ଲେଖିବା ପୂର୍ବରୁ ଭାବୁଛି ଯେ ଏଭଳି ଲେଖା ଲେଖିବା ଉଚିତ କି ନୁହେଁ । ଏହି ପ୍ରକାର ବିଚାର ଯୋଗୁଁ ଗଣମାଧ୍ୟମ କ୍ଷମତାସୀନ ଦଳ ବା ସରକାରଙ୍କୁ ପ୍ରଶ୍ନ କରିପାରୁ ନାହିଁ । ଭାରତ ବର୍ଷର ୧୦ଟି ଜ୍ୟୁସ୍ ଚ୍ୟାନେଲ ସରକାରଙ୍କ ନିୟନ୍ତ୍ରଣରେ ଥିବାରୁ ପ୍ରକୃତ ତଥ୍ୟ ପ୍ରକାଶିତ ହୋଇପାରୁନାହିଁ । ଏଭଳି ପରମ୍ପରା ଜାରି ରହିଲେ ଗଣମାଧ୍ୟମ ଆ ।ଗାମୀ ଦିନରେ ମୂଲ୍ୟହୀନ ହୋଇପଡ଼ିବାର ଆ ।ଶଙ୍କା ସୃଷ୍ଟି ହୋଇଛି । ଆ ।ଜିର ଜାତୀୟ ପ୍ରେସ ଦିବସ ଅବସରରେ ଗଣମାଧ୍ୟମ ନିଜ ଲକ୍ଷ୍ୟ ଓ ଆ ।ଦର୍ଶକୁ ଯେଉଳି ବିଚ୍ୟୁତ ନ ହେବ ସେ ସମ୍ପର୍କରେ ବ୍ୟାପକ ବିଚାର ବିମର୍ଶ ଜରାଯିବା ଉଚିତ ।

ନବୀନ ଭବନ, ବ୍ରହ୍ମପୁର-୧୦, ମୋ-୯୮୬୧୦ ୧୩୭୮୦

ଅଣସର ଓ ଦଇତା ନିଯୋଗ

॥ ଡାକ୍ତର ସମ୍ରାଟ କର ॥

ଶ୍ରୀମନ୍ଦିରରେ ପାଳନ ହେଉଥିବା ଦ୍ୱାଦଶ ଯାତ୍ରା ମଧ୍ୟରୁ ସ୍ନାନ ଯାତ୍ରା ଅନ୍ୟତମ । ସ୍ନାନବେଦୀରୁ ଚତୁର୍ଦ୍ଧାର୍ମୂ ଓଲ୍ଲାରେ ପରେ ଅଣସର ଘରେ ବିଧି ଅନୁଯାୟୀ ପନ୍ଦର ଦିନ ପୂଜା ପାଇଥାନ୍ତି । ଅଣସର ଘର ଏକ ଅଶ୍ରାର ଘର ଆଜ୍ଞ ଘର ଏହି ଅଶ୍ରାର ଘର ମଧ୍ୟରେ ଗୋଟିଏ ମାତ୍ର ଦୀପ ଜଳୁଥାଏ । ଏହି ସମୟରେ ବିଶ୍ୱାବସୁଙ୍କ ବଂଶଧର ଦଇତା ସେବକମାନେ ଜିଉଙ୍କର ସେବା ପୂଜା କରିଥାନ୍ତି । ସାରା ବର୍ଷ ମଧ୍ୟରୁ ଏସାର ମାସ ପରିମହାପାତ୍ର ବା ବାହୁଙ୍କି ସେବକମାନେ ଶ୍ରୀମନ୍ଦିରରେ ଶ୍ରୀଜିଉଙ୍କ ସେବାକାର୍ଯ୍ୟ ସମ୍ପାଦିତ କରୁଥିଲାବେଳେ ମାତ୍ର ଗୋଟିଏ ମାସ ଅର୍ଥାତ୍ ଆଷାଢ଼ କୃଷ୍ଣ ପ୍ରତିପଦାରୁ ନାଜାତ୍ରୀ ଦିନେ ପର୍ଯ୍ୟନ୍ତ ଦଁ ଦଇତାମାନେ ପ୍ରଭୁଙ୍କ ଅପୂର୍ବ ସେବା କାର୍ଯ୍ୟ ସଂପାଦିତ କରିଥାନ୍ତି ।

ପ୍ର ଥମ ଅଣସର ସାଧାରଣତଃ ବୃଦ୍ଧ ପ୍ରକାର । ପ୍ରତିବର୍ଷ ଅଣସର ପୁଷ୍ପିଗା ଆଗରୁ କରାଯାଏ । ଏହା ପନ୍ଦର ଦିନ ଧରି ପାଳିତ ହୁଏ । ଅନ୍ୟଟି ମହାଅଣସର । ଦଡବଳଦେବ ବର୍ଷ ଦିଁ ପାଳିତ ହୁଏ । ମହାଅଣସର ୪୫ ଦିନ । ପ୍ରଥମ ଅଣସରରେ ପ୍ରଭୁଙ୍କର କଳେବର ପରିବର୍ତ୍ତନ ହୁଏ ନାହିଁ । ହେଲେ ମହାଅଣସରରେ ବିଗ୍ରହ ପରିବର୍ତ୍ତନ ହୋଇଥାଆନ୍ତି । ପ୍ରଭୁ ଜଗନ୍ନାଥ ମଣିଷର ପ୍ରତିନିଧିତ୍ୱ କରନ୍ତି । ସେଇଥିପାଇଁ ତାଙ୍କୁ ମଣିଷ ପରି ରୋଗିବାକୁ ହୁଏ । ମହାବେଦୀରେ ମହାସ୍ନାନ କରିବା ପରେ ସ୍ନାନଜନିତ ଜ୍ୱରରେ ପ୍ରଭୁ ଅସୁସ୍ଥ ହୋଇପଡନ୍ତି । ସେତେବେଳେ ଶ୍ରୀଜଗନ୍ନାଥଙ୍କୁ ଜ୍ୱରରେ ପାଚ୍ଚିତ ହୁଅନ୍ତି । ସେତେବେଳେ ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ସହିତ ଜଗନ୍ନାଥଙ୍କୁ ନିଜେ ଦେବତାମାନେ ଆସି ଦର୍ଶନ ଦେଇଥାନ୍ତି । ଏହାକୁ ଜଗନ୍ନାଥଙ୍କ ଅଡ଼ପ ଦର୍ଶନ କୁହାଯାଏ । ଏହି ସମୟରେ ଜଗନ୍ନାଥଙ୍କ ଜ୍ୱର ଦୂର କରିବା ପାଇଁ ଔଷଧ ଦିଆଯାଏ । ସେହି ବିଶ୍ରାମ ସମୟରେ ଜାଇ ମାନଙ୍କର ଚିକିତ୍ସା କରାଯାଏ । ସାଧାରଣ ମଣିଷଟିଏ ଚିକିତ୍ସା ସମୟରେ ଯେପରି ସଂପୂର୍ଣ୍ଣ ବିଶ୍ରାମ ନ

ଶବ୍ଦ
ପୃଷ୍ଠା ସଂପାଦନା: କୃଷ୍ଣ କୁମାର ମହାନ୍ତି
ସାପ୍ତାହିକ ସାହିତ୍ୟ ଫର୍ଦ୍ଦ
ବାଲେଶ୍ୱର, ରବିବାର, ୧୫ ନଭେମ୍ବର ୨୦୨୬

ସେଇଠୁ ଆରମ୍ଭ

ଅସ୍ତିତ୍ୱର ଅନ୍ତର୍ଦାହ

ରାଜୀବ ପାଣି



ମୁଁ ସେହି ଜଡିବାସର ଅନୁସାରିତ ଅଧ୍ୟାୟ,
ଯାହାର ଜଳସ୍ପର୍ଶ ଶୁଣାଇଛି ମହାଜାତର ସୌଧ ନିର୍ମିତ ହୁଏ
ଯାହାର ଅଜୁଳିର ଅନ୍ତିମ୍ବର୍ଶରେ ବାଳର ବସ୍ତୁସତରେ
ଖୋଦିତ ହୋଇଛି ସୁଦୂରସ୍ତାରରେ ଶିଳାଲିପି;
ଅଥଚ ସେହି ଶୁଭ୍ର ପୁଷ୍ପ ଆଜି ନିଜ ଅସ୍ତିତ୍ୱର ସ୍ୱାକୃତି ପାଇଁ
ସମ୍ବାଳର ଦ୍ୱାରଦେଶରେ ଏକ ଅନାବୃତ ଅପିଲ୍ଲ!
କେଉଁ ଅପରାଧର ଏହି ଅନନ୍ତ ପ୍ରାୟଶ୍ଚି ?
କେଉଁ ଅଦୃଶ୍ୟ ବିଧିବିଧାନରେ ମାନବୀୟ ଅସ୍ତିତ୍ୱର ଏହି ବିଭାଜନ ?
ଏକ ମାତୃଗର୍ଭର ଅଙ୍ଗଜାତ ଯେଉଁ
ଏହି ଆକାଶର ତାରାଲୋକରେ ଜନ୍ମ ନେଇଥିବା ପୁରୁଷ ପ୍ରାଣ ମଧ୍ୟରେ
କିଏ ନିର୍ମାଣ କଲା ଏହି ଅଲଙ୍ଘ୍ୟଣୀୟ ଅଦୃଶ୍ୟ ପ୍ରାଚୀର ?
କେଉଁ ଅଜାନବାସ ଦେବତାରେ ମଣିଷ ତରାରୁ। ମଣିଷର ଜଣ୍ମାଧିକାର ?
କେଉଁ ମୃତିକାର ମୃତ୍ତିରେ ଦିବ୍ୟଦୃଷ୍ଟ ଆବାହନ,
କେଉଁ ମୃତିକାର ସନ୍ତାନ ଜାତିଟି ସମାଜରେ ଅବାଞ୍ଛିତ ?
କେଉଁ ଦର୍ଶନ ସର୍ବଦୃଶ୍ୟରେ ବ୍ରହ୍ମସ୍ୱରୂପର ଅବିନଶ୍ୱରି ଦେଖେ,
କେବି ଦର୍ଶନର ଉଚ୍ଚାଧିକାରୀ ସମାଜରେ ମଣିଷ ଜାତିକି
ମଣିଷଠାରୁ ଏତେ ଭିନ୍ନତା ?
କେଉଁଠି ଲୁପ୍ତ ହେଲା ଆମ୍ଭତତ୍ତ୍ୱର ସେହି ଅଭେଦ ଜଗଜ୍ଜି
ସେହେ ଧର୍ମର ଅନ୍ତର୍ନିହିତ ଆତ୍ମାନ୍ତିକତା
ଅନ୍ଧକାରର ଅଞ୍ଚଳାରରେ ଆତ୍ମବିସ୍ମୃତ,
ସେହେ ପବିତ୍ରତାର ପରିଧାସା ମାନବିକ ସଂଜ୍ଞାର୍ଥରେ ଆବଦ୍ଧ,
ସେହେ ଆକାଶର ଆମୃତ୍ତେ ଅନାବାଳର ଅବିସତ୍ତି ଲୁପ୍ତାୟିତ,
ସେହେ ମନ୍ଦିରର ଶୁଶ୍ରାଂଚାର ମଧ୍ୟ
ମାନବତାର ଆତଚିହ୍ନାକୁ ନିର୍ବାକ୍ ଜରିଯାଇଛନ୍ତି
ଜାତଙ୍କ ଜଣ୍ମୁଜଳ ଆକାର ଯେଉଁଠି ସର୍ବଂଚାଚର ହୃଦୟ,
ସେଠାରେ ମଣିଷର ଅସ୍ତ୍ୟାମନା ହିଁ ସର୍ବବୃହତ୍ ଧାମ୍ବିଜୋଧ।
ମୋର ନିଜସ୍ୱତାକୁ ପୂର୍ବଚେତାର ପରିଧାସା ଦିଅନାଁ;
ଏହା ଶାଶ୍ୱତାର ଏଂଚିତ ଅବଦମନର ଅଧ୍ୟସ୍ତିକ ଅନ୍ତିମୁସ୍ତାକ,
ଏହା ଜଡିବାସର ବଞ୍ଚରେ
ଚାରି ଚରିଥିବା
ଅଙ୍ଖ୍ୟ ଅନୁଜାରିତ ଆତମାରର ଏମାରେ ପ୍ରତିଧ୍ୱନି
ମୋର ଅଜୁ କୌଣସି ଏକକ ଜାତନର ବ୍ୟକ୍ତିଗତ ବିକାଶ ନୁହେଁ,
ଏହା ସାମାଜିକ ବିଚେତନର ସଚଷ୍ଟର ଉପରେ
ଜାତକ ଅଜିତ ଏକ ବଳାୟ ପ୍ରତ୍ୟୁତିନ୍ୱ ।
ମୁଁ କେଉଁଥର କୃପାରିଷୀ ମାତୃଜାତି,
ସନ୍ତାନୁଭୂତିର ଆତ୍ମଜାତିକ ଅନିମୟ ମଧ୍ୟ ମୋର ବାମ୍ୟ ନୁହେଁ;
ମୁଁ ଚାହେଁ ମୋର ଅସ୍ତିତ୍ୱର ଅକ୍ଷୟ ସ୍ୱାକୃତି,
ମୋର ଆତ୍ମମର୍ଯ୍ୟାଦାର ନିମ୍ନ 'ପ୍ରତିଷ୍ଠା,
ମୋର ମାନବିକ ଅଧିକାରର ପାରିବାରିକ ବଳୟ
ମୁଁ ଅନୁସରର ଅବଶ୍ୟିଷ୍ଟ ଅନୁ ନୁହେଁ,
ମୁଁ ମଧ୍ୟ ଏକ ମହାମାନବୀୟ ସମ୍ଭାବନା ଅଂଶୀଦାର।
ମୋର ବିଦ୍ରୋହ ଦୃଷ୍ଟିର ଚାହାଳକ ନୁହେଁ,
ଏହା ଅବିବେକର ଅନ୍ଧକାର ବିରୋଧରେ ବିବେକର ଅଭିବାଞ୍ଛା;
ମୋର ପ୍ରତିବାଦ ପ୍ରତିଶୋଧର ପ୍ରତିଧ୍ୱନି ନୁହେଁ,
ଏହା ବଳାରେତେନାର ଅଚିର୍ଜାତ ଅଭ୍ୟୁତ୍ଥାନ ।
ମୁଁ ଅଭ୍ୟୁତ୍ଥାନ ପ୍ରତିବିମ୍ବ ଦେବାକୁ ଚାହେଁନାହିଁ,
ଚାହେଁନାହିଁ ଶୋଷଣର ପୁନରାବୃତ୍ତ ବଳିବାକୁ;

ମୁଁ ଚାହେଁ ମଣିଷର ମର୍ଯ୍ୟାଦାରେ ମଣିଷର ସମାବସ୍ଥାନ,
ସମାଜର ଚିତ୍ତରେ ଏକ ଅବିଚାଳ୍ୟ ମାନବ ସମ୍ପର୍କ ।
ଯେଉଁଠି ଜାତିସତ ଅଦଂକାର ମଣିଷର ମୂଲ୍ୟ ନିର୍ଦ୍ଧାରଣ କରେ,
ସେଠାରେ ମାନୁଷରୀ ଦେବକ ଏକ ଶବ୍ଦରୁ ଆତୁଷ୍ଟ;
ଯେଉଁଠି ଜନ୍ମ ହିଁ ଯୋଗ୍ୟତାର ଏକମାତ୍ର ମାପକାଠି,
ସେଠାରେ ଜର୍ମ, ଜ୍ଞାନ ଓ ଚରିତ୍ରର ସମସ୍ତ ମହିମା ଅକମ୍ପୁଲ୍ୟାୟିତ ।
ସାମାଜର ପାର୍ଶ୍ୱଚିକ ଅଭିମାନ
ଆତ୍ମପ୍ରବଂଚନାର ଏକ ସୂକ୍ଷ୍ମାତ୍ମ ପ୍ରାସାଦ;
ଯାହାର ଚିତ୍ତରେ ମଣିଷର ମର୍ଯ୍ୟାଦା ନୁହେଁ,
ତଙ୍କ ମଣିଷର ଅବମାନନାର ଅଦୃଶ୍ୟ ଶିଳାଖଣ୍ଡ ।
ମୋର କବିତା କୌଣସି ଜାତିବିଶେଷ ବିରୋଧରେ ଅଭିଯୋଗପତ୍ର ନୁହେଁ,
ଏହା ସମାଜର ଆତ୍ମବିଚେତନ ଅଙ୍ଗୁଳରେ ଏକ ମୌଳିକ ଜିଜ୍ଞାସା;
ଏହା ଅଚାତର ଶ୍ରଚେତିତ୍ୱର ବେଦନ୍ତ ଅନୁଶୋଚନା ନୁହେଁ,
ଆଗାମୀ ଦିନରେ ମାନବିକ ସମାଜ ପାଇଁ ଚେତନାର ଏକ ନବ ଉନ୍ମାଦାନ ।
ମୁଁ ଜଡିବାସର ପ୍ରତିଚିହ୍ନ ଚାହିଁନାହିଁ,
ଚାହିଁ ଚରିତ୍ରର ଜାତିଗତ ଚରିତ୍ର ପରିମାର୍ଜନ;
ମୁଁ ବିଭାଜନର ଆଚଂଚର ନୂତନ ଦେଖା ନୁହେଁ,
ଚାହେଁ ମାନବିକ ଏକାସ୍ତ୍ରାନ ଅଭିନବ ଅନୁଭାବନ ।
ଯେଉଁଠିକି ମାନବିକତା ଜାତିସତ ଚିତ୍ତରେ ସମାସ୍ତ ଅବିଚ୍ଛେଦ ଜାବନ,
ଯେଉଁଠିକି ସମ୍ପର୍କର ଆଧାର ହେବ ହୃଦୟର ଔଦାର୍ଯ୍ୟ,
ଯେଉଁଠିକି ମଣିଷର ମୂଲ୍ୟ ନିର୍ଦ୍ଧାରିତ ହେବ
ଆକାର ଦେବତା ଓ କଳୁଷାର ମସ୍ତ୍ରରେ,
ଯେଉଁଠିକି ଜଣ୍ମଜାତ ଜାତିଗତ ଜଣ୍ମାଜାତ ଅବିଚ୍ଛେଦ୍ୟ ଜାବନ,
ଜାଣ୍ଡରେ ଜଡିବାସୀ ଏକତ୍ରିତ ଅନୁଶାସନ ।
ଯେଉଁଠିକି ଶବ୍ଦରେ ଜଡିବାସୀ ଜାତିଗତ ଜଣ୍ମାଜାତ ଅଭିନ୍ନତା ଜରିବ,
ଯେଉଁଠିକି ଜଣ୍ମାଜାତ

ଶ୍ରୀଜଗନ୍ନାଥ
ଆରମ୍ଭ
SEITHO ARAMBHA
ରବିବାର ୧୫ ନଭେମ୍ବର, ୨୦୨୬ : ଘାଟେଶ୍ୱର : ପୃଷ୍ଠା -୬





ଶ୍ରେଷ୍ଠ ଜିଲ୍ଲା ଶିକ୍ଷା ଅଧିକାରୀ ଭାବେ ସମ୍ମାନିତ ହେଲେ ଦୀପକ କୁମାର ପାଢ଼ୀ

ପୁରୀ, ୧୪/୧୧ (ଆ.ପ୍ର) : ଶିକ୍ଷା କ୍ଷେତ୍ରରେ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ଓ ପ୍ରଶାସନିକ ନେତୃତ୍ୱ ପାଇଁ ପୁରୀ ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢ଼ୀ ୨୦୨୫ ମସିହାର ମଧ୍ୟାହ୍ନଜନକ 'ଶ୍ରେଷ୍ଠ ଜିଲ୍ଲା ଶିକ୍ଷା ଅଧିକାରୀ' ପୁରସ୍କାର ଲାଭ କରିଛନ୍ତି । ଭୁବନେଶ୍ୱର ଠାରେ ଆୟୋଜିତ ରାଜ୍ୟସ୍ତରୀୟ 'ସୁରଭି-୨୦୨୬' କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ, ଓଡ଼ିଶା ଶ୍ରୀ ପାଢ଼ୀଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି । ଏହି ଗରିମାମୟ ଉପରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ, ବିଜୁଗାୟ ଆୟୁକ୍ତ ତଥା ଶାସନ ସଚିବ ଏବଂ ଅନ୍ୟାନ୍ୟ ବିଶିଷ୍ଟ ଅତିଥି ଉପସ୍ଥିତ ଥିଲେ । ଏହି ଅବସରରେ ପୁରୀ ଜିଲ୍ଲା ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଓ ସଫଳତା ପାଇଁ ୨୦୨୪ ଓ ୨୦୨୫ ବର୍ଷର ବିଭିନ୍ନ ବର୍ଗରେ ଅନେକ ବିଦ୍ୟାଳୟ, ଗ୍ରାମପଞ୍ଚାୟତ, ଶିକ୍ଷକ ଓ ଛାତ୍ରଛାତ୍ରୀ ପୁରସ୍କୃତ ହୋଇଛନ୍ତି । ୨୦୨୪ ମସିହାରେ ପ୍ରାଥମିକ ବିଦ୍ୟାଳୟ ବର୍ଗରେ ପତିତପାବନ ଘଟଣ୍ଟଝ, ପିଡାବାସ UGUPS ଓ ଗୌଡ଼ସାହି ସରକାରୀ ପ୍ରାଥମିକ ବିଦ୍ୟାଳୟ ପୁରସ୍କାର ଲାଭ କରିଥିବାବେଳେ ସତ୍ୟବାଦୀ ବ୍ଲକ୍‌ର ବିଦ୍ୟାଧରପୁର ଗ୍ରାମପଞ୍ଚାୟତ ଶ୍ରେଷ୍ଠ ଗ୍ରାମପଞ୍ଚାୟତ ପୁରସ୍କାର ଏବଂ ପୁରୀ ଜିଲ୍ଲା ସ୍କୁଲ ଆଲୁମନି କମିଟି ପୁରସ୍କାର ହାସଲ କରିଛି । ସେହିପରି ୨୦୨୫ ମସିହାରେ ଚୁଡ଼ୁଗିଡି ବ୍ଲକ୍‌ର ମାଣପଡ଼ା ଗ୍ରାମପଞ୍ଚାୟତ ପୁରସ୍କାର ଏବଂ ସତ୍ୟବାଦୀ ବ୍ଲକ୍‌ର ଉତ୍ତମ ପ୍ରଧାନ ଶ୍ରେଷ୍ଠ BEO ପୁରସ୍କାର ଲାଭ କରିଛନ୍ତି । ପ୍ରାଥମିକ ବିଦ୍ୟାଳୟ ବର୍ଗରେ ପତିତପାବନ NUPS, ଗୋପ ଓ ଗୋବିନ୍ଦପୁର NUPS, ପିପିଜି ପୁରସ୍କୃତ ହୋଇଥିବାବେଳେ ମାଧ୍ୟମିକ ବିଦ୍ୟାଳୟ ବର୍ଗ ଓ ବିଦ୍ୟାଳୟ ପରିଚାଳନା କମିଟି ବର୍ଗରେ କାକଟପୁର ହାଇସ୍କୁଲ ପୁରସ୍କାର ହାସଲ କରିଛି । ମାଧ୍ୟମିକ ଶିକ୍ଷକ ବର୍ଗରେ ପୁରୀ ଜିଲ୍ଲା ସ୍କୁଲର ରଞ୍ଜନ ରେଡ୍ଡୀ ସମ୍ମାନିତ ହୋଇଛନ୍ତି । ଏଥିସହ ୧୧ ଜଣ ଛାତ୍ରଛାତ୍ରୀ ଶୈକ୍ଷିକ ପୁରସ୍କାର ଏବଂ ୨ ଜଣ ଛାତ୍ରଛାତ୍ରୀ ଓଡ଼ିଆ ରାଷ୍ଟ୍ର ବୃତ୍ତି ଲାଭ କରିଛନ୍ତି । ଏହି ଉଲ୍ଲେଖନୀୟ ସଫଳତା ପାଇଁ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସମସ୍ତ ପୁରସ୍କୃତ ଶିକ୍ଷା ଅନୁଷ୍ଠାନ, ଶିକ୍ଷକ, ଅଧିକାରୀ ଓ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ପୁରୀ ଜିଲ୍ଲାର ଏହି ସାମୂହିକ ସଫଳତା ଜିଲ୍ଲାର ଶିକ୍ଷା ବ୍ୟବସ୍ଥା ପାଇଁ ଏକ ଗୌରବମୟ ଅଧ୍ୟାୟ । ଏହା ଜିଲ୍ଲାର ଶିକ୍ଷକ, ଶିକ୍ଷାବିତ୍, ଶିକ୍ଷା ପ୍ରଶାସକ ଓ ଛାତ୍ରଛାତ୍ରୀଙ୍କୁ ଅଧିକ ନିଷ୍ଠା, ଉତ୍ସାହ ଓ ସମର୍ପଣ ଭାବନାର ସହିତ ଶିକ୍ଷାର ଗୁଣାତ୍ମକ ବିକାଶ ଦିଗରେ କାର୍ଯ୍ୟ କରିବାକୁ ନିଷ୍ଠିତ ଭାବେ ପ୍ରେରଣା ଯୋଗାଇବ ।

ତିନି ରାସ୍ତାର ଭିତିପ୍ରସ୍ତର ସ୍ଥାପନ କଲେ ବିଧାୟକ


ପାଟପୁର, ୧୪/୧୧ (ଆ.ପ୍ର) : ପାଟପୁର ବ୍ଲକ୍‌ର ତିନୋଟି ରାସ୍ତା କାମର ଶୁଭ ଦେବନ୍ତି ବିଜେଡି ବିଧାୟକ ମନୋରଞ୍ଜନ ଦ୍ୟାନ ସମ୍ପନ୍ନରା । ଗ୍ରାମ୍ୟ ଉନ୍ନୟନ ବିଭାଗ ଉଦପୁର ଖେଣ୍ଡର ଘୋଷାସାହିଥିବା ପୂର୍ବତିଭାଗ ରାସ୍ତା ଠାରୁ ପାଟପୁର-ମୁକୁନ୍ଦପୁର ପର୍ଯ୍ୟନ୍ତ ୫,୩୯,୨୭୮ ୯୩ ଟଙ୍କା ବ୍ୟୟରେ ହେବାକୁ ଥିବା ରାସ୍ତା, ଜରଡ଼ା ପୂର୍ବତିଭାଗ ରାସ୍ତା ଠାରୁ ବାଲିପଦର, ଦେଶାରୀ ଓ ତିନି ଘରିଆ ଦେଇ ଭୈରପୁର ପର୍ଯ୍ୟନ୍ତ ୮,୨୬,୨୩୦୪୫ ବ୍ୟୟରେ ହେବାକୁ ଥିବା ରାସ୍ତା ଏବଂ ପୂର୍ବତିଭାଗ ରାସ୍ତା ଠାରୁ ଡାଳପତର ଦେଇ ଏସ.ଜେ.ଟି.ପଦ ପର୍ଯ୍ୟନ୍ତ ୪,୯୪,୮୮୦୮୨ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ରାସ୍ତା କାର୍ଯ୍ୟର ଭିତିପ୍ରସ୍ତର ସ୍ଥାପନ ହୋଇଥିଲା । ଶତାଧିକ ଦର୍ଶକ କର୍ମୀ ପ୍ରବଳ ଉତ୍ସାହ ସହିତ ବିଧାୟକଙ୍କ ସହିତ ତାଙ୍କ ଧର୍ମପତ୍ନୀ ତଥା ସଂଗଠନ ପ୍ରତିନିଧି ମାନ୍ୟ ଦ୍ୟାନ ସମ୍ପନ୍ନରାଙ୍କୁ ବିରାଟ ପଦ୍ମଫୁଲ ମଧ୍ୟରେ ଉତ୍ତମ ସ୍ୱାଗତ କରିଥିଲେ । ଗାଖା କାର୍ଯ୍ୟର ଶୁଭ ହେବା ଅବସରରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଏଞ୍ଜିନ ସହିତ ଜେନା, କଳିଙ୍ଗ ଯଶ ପାତବାସ ନାୟକ, ଠିକାଦାର ସୁତ୍ରତ ପାତ୍ର,ବିରାଜନ ପ୍ରଧାନ, ସରୋଜ ପାତ୍ର, ସଦାନନ୍ଦ ନାୟକ,ରିଟା ମଝାଣି, ଅମିତା ପ୍ରଧାନ, ଅଜିତ୍ ପ୍ରଧାନ, ଶଙ୍କର ପ୍ରଧାନ ପ୍ରମୁଖଙ୍କ ସହ ବହୁ ବଜାୟ କର୍ମୀ ଓ ବିଭିନ୍ନ ପଂଚାୟତର ଲୋକ ପ୍ରତିନିଧି ମାନେ ଉପସ୍ଥିତ ଥିଲେ ।

ରାୟଗଡ଼ରେ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ-୨୦୨୬କୁ ନେଇ ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ



ରାୟଗଡ଼, ୧୪/୧୧ (ଆ.ପ୍ର) : ଭାରତୀୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ଅନୁଯାୟୀ ଆଗାମୀ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ-୨୦୨୬ କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପାଦନ କରିବା ଉଦ୍ଦେଶ୍ୟରେ ଆଜି ରାୟଗଡ଼ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଅଶ୍ୱତୋଷ କୁଲକର୍ଣ୍ଣୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ପଞ୍ଚିକନୀ ଭବନରେ ଏକ ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ରବୀନ୍ଦ୍ରନାଥ ଜଈଁର, ଡେପୁଟି କଲେକ୍ଟର (ନିର୍ବାଚନ) ମାନୁଏଲା ପ୍ରିୟଦର୍ଶିନୀ, ଆସିଷ୍ଟାଂଟ କଲେକ୍ଟର (ନିର୍ବାଚନ) ବିଟିପ୍ରା ସେଠୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦେବରାଜ ଗାନ୍ତାଙ୍କ ସମେତ ସମସ୍ତ ନିର୍ବାଚକ ପଞ୍ଜୀକରଣ ଅଧିକାରୀ ଏବଂ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗଦେଇଥିଲେ । ବୈଠକରେ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ-୨୦୨୬ର କାର୍ଯ୍ୟସୂଚୀ, ଏହି ଅବଧି ମଧ୍ୟରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ, ମତଦାନ କେନ୍ଦ୍ରଗୁଡ଼ିକର ଯୁକ୍ତିଯୁକ୍ତ ପୁନର୍ବିନ୍ୟାସ ଏବଂ ବୂଥ୍ ସ୍ତରୀୟ ଏଜେଂଟ୍ ମାନଙ୍କର ଭୂମିକା ଓ ଦାୟିତ୍ୱ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ଭୋଟର ତାଲିକାରେ ଯୋଗ୍ୟ ନାଗରିକଙ୍କ ନାମ ଅନ୍ତର୍ଭୁକ୍ତ କରିବା ସହିତ ତ୍ରୁଟି ସଂଶୋଧନ ଏବଂ ଅଯୋଗ୍ୟ ନାମଗୁଡ଼ିକୁ ନିୟମାନୁଯାୟୀ ଯାଂଚ କରିବା ଦିଗରେ ସମସ୍ତଙ୍କ ସହଯୋଗର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା । ନିର୍ବାଚନ ଆୟୋଗଙ୍କ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ, ୨୦ ନଭେମ୍ବର ୨୦୨୬ ସୁଦ୍ଧା ମତଦାନ କେନ୍ଦ୍ରଗୁଡ଼ିକର ଯୁକ୍ତିଯୁକ୍ତ ପୁନର୍ବିନ୍ୟାସ, ୩୦ ନଭେମ୍ବର ୨୦୨୬ରେ ସମନ୍ୱିତ ଚିତ୍ର ଭୋଟର ତାଲିକା ପ୍ରକାଶନ, ୩୦ ନଭେମ୍ବର ୨୦୨୬ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ, ୧୬ ଜାନୁଆରୀ ୨୦୨୭ ସୁଦ୍ଧା ଦାବି ଓ ଆପତ୍ତିଗୁଡ଼ିକର ଫଇସଲା ଏବଂ ୨୧ ଜାନୁଆରୀ ୨୦୨୭ରେ ବୃତ୍ତାନ୍ତ ଭୋଟର ତାଲିକା ପ୍ରକାଶ କରାଯିବ । ଏହି ସଂଶୋଧନ ପ୍ରକ୍ରିୟାରେ ୦୧ ଜାନୁଆରୀ ୨୦୨୬କୁ ଯୋଗ୍ୟତା ତାରିଖ ରାଖି ଧାର୍ଯ୍ୟ କରାଯାଇଛି । ଏଥିସହ ୨୦୨୬ ମସିହାର ପରବର୍ତ୍ତୀ ଯୋଗ୍ୟତା ତାରିଖ ଯଥା ୦୧ ଏପ୍ରିଲ, ୦୧ ଜୁଲାଇ ଏବଂ ୦୧ ଅକ୍ଟୋବର ପାଇଁ ମଧ୍ୟ ଯୋଗ୍ୟ ବ୍ୟକ୍ତିମାନଙ୍କଠାରୁ ଅନ୍ତିମ ଆବେଦନ ଗ୍ରହଣ କରାଯିବ । ଜିଲ୍ଲାପାଳ କୁଲକର୍ଣ୍ଣୀ ସମସ୍ତ ନିର୍ବାଚନ ଅଧିକାରୀ ଓ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ନିର୍ଦ୍ଦେଶ ଆୟୋଗଙ୍କ ନିର୍ଦ୍ଦେଶାବଳୀ ଓ ନିର୍ଦ୍ଧାରିତ ସମୟସୀମା ଅନୁପାଳନ କରିବା ସହିତ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟାରେ ସହିୟ ସହଯୋଗ କରିବାକୁ ଗୁରୁତ୍ୱାରୋପ କରିଥିଲେ । ଭୋଟର ତାଲିକାର ସଠିକତା, ସ୍ୱଚ୍ଛତା ଓ ସମାବେଶୀକରଣ ସୁନିଶ୍ଚିତ କରିବାରେ BLO ଓ BLAମାନଙ୍କ ମଧ୍ୟରେ ସମନ୍ୱୟ ଏବଂ ସହଯୋଗ ଅତ୍ୟନ୍ତ ଜରୁରୀ ବୋଲି ଆଲୋଚନା କରାଯାଇଥିଲା । ସମସ୍ତ ଯୋଗ୍ୟ ନାଗରିକଙ୍କ ନାମ ଭୋଟର ତାଲିକାରେ ଥରିବା ସାଙ୍ଗକୁ ଅଯୋଗ୍ୟ ବ୍ୟକ୍ତିଙ୍କ ନାମ ବାଦ ଯିବା ନିଶ୍ଚିତ କରିବାରେ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା ।

ପାଟଦରା-ଗର୍ଜନପାଣି ଜଙ୍ଗଲରୁ ୭ଟି ସନ୍ଦିଗ୍ଧ ପ୍ରେସର କୁକର ଆଇଇଡି ଜବତ



ନୂଆପଡ଼ା, ୧୪/୧୧ (ଆ.ପ୍ର) : ନୂଆପଡ଼ା ଜିଲ୍ଲାରେ ମାଓବାଦୀ ଉଗ୍ରବିଧ୍ୱଂସ ଦମନ ଅଭିଯାନକୁ ଆଉ ଏକ ବଡ଼ ସଫଳତା ମିଳିଛି । ବୋଡ଼େନ ବ୍ଲକ୍ ଅନ୍ତର୍ଗତ ପାଟଦରା-ଗର୍ଜନପାଣି ଜଙ୍ଗଲ ଅଂଚଳରୁ ନୂଆପଡ଼ା ପୋଲିସ ଓ ଜିଲ୍ଲା ସ୍ୱେଚ୍ଛାସେବୀ ବାହିନୀ (ଡିଭିଏଫ) ଯବାନମାନେ ୭ଟି ସନ୍ଦିଗ୍ଧ ପ୍ରେସର କୁକର ଆଇଇଡି (ବିସ୍ଫୋରକ ଉପକରଣ) ସମେତ ୪ ବଣ୍ଡଲ ବିଦ୍ୟୁତ୍ ତାର ଜବତ କରିଛନ୍ତି । ସୂଚନା ବାହିନୀଙ୍କ ଏହି ସଫଳ ଅଭିଯାନ ପରେ ଅଂଚଳରେ ଏକ ସମ୍ଭାବ୍ୟ ବଡ଼ ବିପଦକୁ ଏଡ଼ାଯାଇ ପାରିଥିବା ଦର୍ଶାଯାଇଛି । ପୋଲିସ ସୂତ୍ରରୁ ପ୍ରକାଶ ଯେ, ନୂଆପଡ଼ା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ନିର୍ଦ୍ଦିଷ୍ଟ ଗୁପ୍ତ ସୂଚନା ଆଧାରରେ ସୁରକ୍ଷା ବାହିନୀ ପାଟଦରା-ଗର୍ଜନପାଣି ଜଙ୍ଗଲ ଅଂଚଳରେ ତଲାସୀ ଅଭିଯାନ ଆରମ୍ଭ କରିଥିଲେ । ଏହି ଅଭିଯାନରେ ଜଙ୍ଗଲର ବିଭିନ୍ନ ସ୍ଥାନରେ ଯାଂଚ କରାଯିବା ସହ ମାଇନ୍ ନିଷ୍କ୍ରିୟକରଣ ପ୍ରକ୍ରିୟା ମଧ୍ୟ ଅନୁସରଣ କରାଯାଇଥିଲା । ଏହି ସମୟରେ ୭ଟି ସନ୍ଦିଗ୍ଧ ପ୍ରେସର କୁକର ଆଇଇଡି ଓ ୪ ବଣ୍ଡଲ ବିଦ୍ୟୁତ୍ ତାର ଠାଉ ହୋଇଥିଲା । ପୋଲିସ ଅଧିକାରୀଙ୍କ ସୂଚନା ଅନୁସାରେ, ଜବତ ସାମଗ୍ରୀଗୁଡ଼ିକ ପୂର୍ବରୁ ମାଓବାଦୀ କ୍ୟାଡରଙ୍କ ଦ୍ୱାରା ଗଛିତ ରଖାଯାଇଥିବା ବିସ୍ଫୋରକ ସାମଗ୍ରୀର ଅବଶିଷ୍ଟ ଭାଗ ହୋଇଥିବା ସନ୍ଦେହ କରାଯାଇଛି । ଏହି ସାମଗ୍ରୀ ଜବତ ହେବା ଫଳରେ ସ୍ଥାନୀୟ ଅଂଚଳବାସୀଙ୍କ ସମେତ ଅଭିଯାନରେ ନିୟୋଜିତ ସୁରକ୍ଷା ଯବାନଙ୍କ ପ୍ରତି ରହିଥିବା ସମ୍ଭାବ୍ୟ ବିପଦକୁ ଲୋକାଯାୟତ କରାଯାଇପାରିଛି ।

ଚଚା ପଂଚାୟତରେ 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନାରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ




ଝରିଗାଁ, ୧୪/୧୧ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ୍ ଅନ୍ତର୍ଗତ ଚଚା ପଂଚାୟତରେ 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନାରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ଯୋଜନାରେ ଚାରାଦେବୀପ୍ରତିଷ୍ଠିତ ମା' ଚାକୁଲାଣୀ ମନ୍ଦିରର ଜନ୍ମଦିବସପାଳନ ପାଇଁ ୪ ଲକ୍ଷ ଟଙ୍କା ଏବଂ ଗୋବାଗୁଡ଼ାସ୍ଥିତ ବାଲିଗୁଡ଼ି ମନ୍ଦିରର ପୁନରୁଦ୍ଧାର ପାଇଁ ୩ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି । ସେହିପରି ଦାବରୀମୁଣ୍ଡାଠାରେ ଜମ୍ୟୁନିଟି ସେଂଟର ଏବଂ ଆଦେଡ଼ାଠାରେ ମାଟିଗୁଡ଼ି ମଣ୍ଡପର ଉନ୍ନତିକରଣ ପାଇଁ ମଧ୍ୟ ପ୍ରକଳ୍ପ ଗ୍ରହଣ କରାଯାଇଛି । ଏହି ଅବସରରେ ଝରିଗାଁ ବିଧାୟକ ନରସିଂହ ଭରତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରକଳ୍ପଗୁଡ଼ିକର ଭିତିପ୍ରସ୍ତର ସ୍ଥାପନ କରିଥିଲେ । କାର୍ଯ୍ୟକ୍ରମରେ ବିଧାୟକଙ୍କ ପ୍ରତିନିଧି ଗାଣପତି ସାହୁ, ଚଚା ମଣ୍ଡଳ ସଭାପତି ବିଶ୍ୱାସର ସାନ୍ତା, ଚରିଷ୍ମ ବିଜେପି ନେତା ଗୋପୀନାଥ ଖୋଁଡ଼, ଖାଡଟି କଲ୍ୟାଣ ବିଭାଗ ପ୍ରତିନିଧି ମାନେଶ୍ୱର ତ୍ରିପାଠୀ, ପଂଚାୟତ ସଭାପତି ମଧୁସୂଦନ ପାଇକ,ଲକ୍ଷ୍ମୀ ଧର ଭରତା ଯୁବନେତା ମଂଟୁ ପୂଜାରୀ, ବିଶ୍ୱାସର ଭରତା, ରୋଦେବ ଗୌଡ଼ଙ୍କ ସମେତ ଅନ୍ୟାନ୍ୟ ଦଳୀୟ କର୍ମୀ ଓ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ ।

ଓଡ଼ିଶାରେ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା ବଂଟନର ଶୁଭାରମ୍ଭ



ଖୋରଧା, ୧୪/୧୧ (ଆ.ପ୍ର) : ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ଏବଂ ଗ୍ରାମାଞ୍ଚଳ ବିକାଶ ମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କ କରକମଳରେ ପ୍ରଥର ପେଚା ପଡିଆ, ବଲାଙ୍ଗୀରରୁ ଓଡ଼ିଶାରେ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା, ଗ୍ରାମୀଣ ବଂଟନର ଶୁଭାରମ୍ଭ ହୋଇଯାଇଅଛି । ରୀମୋଟ ବଟନ୍ ଦବାଇ ମୁଖ୍ୟମନ୍ତ୍ରୀ ଏବଂ କେନ୍ଦ୍ର ମନ୍ତ୍ରୀ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଖୋରଧା ପୌରପରିଷଦ ଟାଉନ୍‌ସ୍ କାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମକୁ ସିଧା ପ୍ରସାରଣ କରାଯାଇଥିଲା । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଲାଙ୍ଗୀର ଜିଲ୍ଲାର ୯୧୧ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ପ୍ରକଳ୍ପର ଲାଞ୍ଚନ ଓ ଶିଳାନ୍ୟାସ କରିଥିଲେ । ଖୋରଧା ଜିଲ୍ଲାର ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା ରେ ୯୦୦୫୫ ପରିବାରର ସର୍ଭେ କରାଯାଇଥିବା ବେଳେ ଚଳିସାରୁ ୩୩୩,୫୧୦ ପରିବାରକୁ ଯୋଗ୍ୟ ବିବେଚିତ କରାଯାଇ ସ୍ଥାୟୀ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଅଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଗ୍ରାମୀଣରେ ଅଗ୍ରାଧିକାର ଗିଡିରେ ସ୍ଥାୟୀ ଅପେକ୍ଷା ତାଲିକା ଭୁକ୍ତ ଯଥା ଚଳିଷ୍ଣୁ ନାଗରିକ,ବିଦ୍ୟାଙ୍ଗି, ବିଧବା, ବିପର୍ଯ୍ୟୟରେ କ୍ଷତି ଗ୍ରସ୍ତ ହୋଇଥିବା ବ୍ୟକ୍ତି ଆଦି ହିତାଧିକାରୀ ମାନଙ୍କୁ ପର୍ଯ୍ୟାୟ କ୍ରମେ ଆବାସ ମିଳିବ ବୋଲି ସମାରୋହର ମୁଖ୍ୟ ଅତିଥି ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ପ୍ରକାଶ କରିଛନ୍ତି । ସମ୍ମାନିତ ଅତିଥି ଭାବେ ଖୋରଧା ବ୍ଲକ୍‌ର ବିଡି ଓ ସିଦ୍ଧାର୍ଥ ପଟ୍ଟନାୟକ, ଖୋରଧା ପଂଚାୟତ ସମିତି ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ସାମନ୍ତରାୟ ଯୋଗ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ଦେବେରା,ବି ଜି ଜି ଏମ୍ ମାନସ କୁମାର ବୁହ୍ମା, ଗଣ ମାଧ୍ୟମ ପ୍ରତିନିଧି ବୃନ୍ଦ, ହିତାଧିକାରୀ, ସରପଂଚ, ସମିତି ସଭ୍ୟ ସଭ୍ୟା, ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ମାନେ ଯୋଗ ଦେଇଥିଲେ । ମଂଚ ସଂଯୋଜନା ସି ଆର ସି ସି ଗୀତାଞ୍ଜଳି ସାହୁ ସମ୍ମାନିତ କରିଥିଲେ ।

ଜୁନାଗଡ଼ ବିଦ୍ୟା ନିକେତନ ଠାରେ ଶିଶୁଦିବସ ପାଳିତ



ଧର୍ମଗଡ଼, ୧୪/୧୧ (ଆ.ପ୍ର) : କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଠାରେ ଥିବା ଜାତୀୟ ବିଦ୍ୟା ନିକେତନ ଠାରେ ପରମେଶ୍ୱର ଯୋଶୀଙ୍କ ଅଧ୍ୟକ୍ଷତାରେ ମନ୍ଦା ସମାରୋହରେ ଶିଶୁଦିବସ ପାଳିତ ହୋଇ ଯାଇଛି । ପ୍ରଥମେ ପଣ୍ଡିତ ଜବାହରଲାଲ ନେହେରୁଙ୍କ ପ୍ରତିମୂର୍ତ୍ତିରେ ନିମନ୍ତିତ ଅତିଥି, ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଧୂପଦୀପ, ପୁଷ୍ପମାଲ୍ୟ ଦିଆ ଯାଇଥିଲା । ପ୍ରଧାନାଚାର୍ଯ୍ୟା ସନତ କୁମାର ଯୋଶୀ ପରିଚୟ ପ୍ରଦାନ କରିବା ସହ ଶିଶୁଙ୍କୁ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଅବଗତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଜୁନାଗଡ଼ ଗାୟତ୍ରୀ ପରିବାର ତରଫରୁ ସୁରଭି ଅଗ୍ରୱାଲ,ଗଣେଶ ଦ୍ୱିବ, ଯୋଗଦାନ କରି ଶିଶୁମାନଙ୍କୁ ଉତ୍ସାହିତ କରିବା ସହ ଶିଶୁଦିବସ ଉପରେ ବକ୍ତବ୍ୟ ରଖି ଜ୍ଞାନ ଆଲୋକିତ, ଦିବ୍ୟ ଦର୍ଶନ, ସଂସ୍କାର ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମ ପରିଚାଳନା ସହ ପ୍ରଧାନାଚାର୍ଯ୍ୟ ସୁବେନ୍ଦ୍ର ପ୍ରିୟାଦା କରିଥିବା ବେଳେ ଚାରାଳାନ୍ତ ଗୁରୁଜୀ, ହରପ୍ରିୟା ଗୁରୁମାଁ, ଏବଂ ଶିଶୁ ଭାର ଓ ଭଉଣୀ ମାନଙ୍କ ଦ୍ୱାରା ଅଭିନାୟତ ରଖାଯାଇଥିଲେ । ଏବଂ ଆର୍ନ୍ତାଜାତିକ ପରୀକ୍ଷାରେ ପ୍ରଥମ ସ୍ଥାନ ହୋଇଥିବା ଶିଶୁଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରିଥିଲେ ।

୫୦ କେଜି ଚାଉଳ ବସ୍ତାରେ ମିଳୁଛି ୩୪.୩୮୦ରୁ ୩୫.୦୩୦ କେଜି ! ଅଙ୍ଗନବାଡ଼ି କର୍ମୀଙ୍କ ଅଭିଯୋଗ, ତଦନ୍ତ ଦାବି

ଜୟପାଟଣା, ୧୪/୧୧ (ଆ.ପ୍ର) : କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ୍ ଅଙ୍ଗନବାଡ଼ି କେନ୍ଦ୍ରକୁ ଯୋଗାଇ ଦେଉଥିବା ଚାଉଳର ଓଜନକୁ ନେଇ ଏବେ ଗୁରୁତର ଅ

ସମ୍ବଲପୁର
ଆରମ୍ଭ
SEITHO ARAMBHA
ରବିବାର ୧୫ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭





ଶିକ୍ଷକ କଲ୍ୟାଣ, ଶିକ୍ଷାର ମାନବୃଦ୍ଧି ପାଇଁ ଓଡ଼ିଶା ସରକାରଙ୍କ ଐତିହାସିକ ନିଷ୍ପତ୍ତିକୁ ସ୍ୱାଗତ: ବିରଂଚି ନାରାୟଣ ତ୍ରିପାଠୀ

ଭୁବନେଶ୍ୱର, ୧୪/୧୧ (ଆ.ପ୍ର) : ଶିକ୍ଷକ ସମାଜର କଲ୍ୟାଣ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ତଥା ଉଚ୍ଚ ଶିକ୍ଷାଭିତ୍ତିଭୂମି ସୁଦୃଢ଼ୀକରଣ ପାଇଁ ନିଆଯାଇଥିବା ଏହି ଜନକଲ୍ୟାଣକାରୀ, ଦୂରଦୃଷ୍ଟିସମ୍ପନ୍ନ ଓ ସାହସିକ ପଦକ୍ଷେପ ପାଇଁ ଭାରତୀୟ ଜନତା ପାର୍ଟି ତରଫରୁ ଆଜି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ସରକାରଙ୍କୁ ଆନ୍ତରିକ ଧନ୍ୟବାଦ ଏବଂ କୃତଜ୍ଞତା ଜଣାଇଛନ୍ତି ରାଜ୍ୟ ସାଧାରଣ ସମ୍ପାଦକ ବିରଂଚି ନାରାୟଣ ତ୍ରିପାଠୀ । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ତ୍ରିପାଠୀ କହିଛନ୍ତି ଯେ, ଶିକ୍ଷା ଗୋଷ୍ଠୀ ସମ୍ପର୍କକୁ ଗଠନ କରିବାରେ ପ୍ରମୁଖ ଭୂମିକା ତୁଲାଇ କରିଥିଲେ । ଶିକ୍ଷା କ୍ଷେତ୍ରରେ ଶିକ୍ଷକମାନେ ନୂତନ ଉଦ୍ଦିଷ୍ଟ ଗତିଶୀଳ ହେବା ପାଇଁ ଏବଂ ଶିକ୍ଷାକ୍ଷେତ୍ରର ସାମଗ୍ରିକ ଉନ୍ନତି ପାଇଁ ଅନେକ ପଦକ୍ଷେପ ନେଇ ଆସୁଛନ୍ତି । "କଥା ଦେଇ ପୁଣି କଥା ରଖିବେ ଆରୋଜନ କରୁଥିବେ ଏହାଦ୍ୱାରା ବିଦ୍ୟାଳୟ ବ୍ୟବସ୍ଥା ବିପର୍ଯ୍ୟୟ ହୋଇପଡୁଥିଲା । ସେହି କାରଣରୁ ଶିକ୍ଷକ ଓ ଅଧ୍ୟାପକମାନଙ୍କ ଦାବୀ, ସମସ୍ୟା ପ୍ରତି ଆମ ସରକାର ତଥା ଭାରତୀୟ ଜନତା ପାର୍ଟି ଅତ୍ୟନ୍ତ ସଚେତନଶୀଳ । ଆମ ସରକାର ଦୃଢ଼ିତ ପଦକ୍ଷେପ ନେଇ ଏକ ଉଚ୍ଚସ୍ତରୀୟ କ୍ଷମତା ସଂପନ୍ନ କମିଟି ଗଠନ କରିଥିଲେ । ଉକ୍ତ କମିଟି ୧୦୫ଟି ଶିକ୍ଷକ ସଂଗଠନର ପ୍ରତିନିଧିମାନଙ୍କ ସହ ପ୍ରାୟ ୯୦ଟି ବୈଠକ କରି ଗତ ସେପ୍ଟେମ୍ବର ୨୨, ୨୦୨୬ ସୁଦ୍ଧା ରାଜ୍ୟସରକାରଙ୍କୁ ମୋଟ ୭୯ଟି ରିପୋର୍ଟ ପ୍ରଦାନ କରିଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀ, ଉଚ୍ଚ ଓ ଗଣଶିକ୍ଷାମନ୍ତ୍ରୀ, ପ୍ରମୁଖ ଶାସନ ସଚିବ, ଉନ୍ନୟନ କମିଶନର, ଅର୍ଥ ସଚିବ ଏବଂ ଅନ୍ୟାନ୍ୟ ସଂପୃକ୍ତ ବିଭାଗୀୟ ସଚିବମାନଙ୍କ ନିକଟରେ ଉକ୍ତକମିଟି ଏହି ରିପୋର୍ଟ ଉପସ୍ଥାପିତ କରିଥିଲେ । ଆମ ସରକାର ଶାସନକୁ ଆସିବା ପରଠାରୁ ଶିକ୍ଷା ବ୍ୟବସ୍ଥାକୁ ସୁଧାରିବା ପାଇଁ, ପ୍ରଗତିଶୀଳ କରିବା ପାଇଁ ଏବଂ ଶିକ୍ଷାକ୍ଷେତ୍ରର ସାମଗ୍ରିକ ଉନ୍ନତି ପାଇଁ ଅନେକ ପଦକ୍ଷେପ ନେଇ ଆସୁଛନ୍ତି । "କଥା ଦେଇ ପୁଣି କଥା ରଖିବେ ମୋହନ ସରକାର" । ଏହି ପରିପ୍ରେକ୍ଷୀରେ ଗତ ଜାଲି ରାଜ୍ୟ ସରକାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପସ୍ୱରୂପ ଉଚ୍ଚସ୍ତରୀୟ କ୍ଷମତା ସମ୍ପନ୍ନ କମିଟିର ୧୫ଟି ଗୋଟି ସୁପାରିଶକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରଥମ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ କମିଟି ଐତିହାସିକ ନିଷ୍ପତ୍ତି ନେଇଛନ୍ତି ବୋଲି ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀ ତ୍ରିପାଠୀ କହିଛନ୍ତି । ରାଜ୍ୟର ଶିକ୍ଷା ବ୍ୟବସ୍ତୁରୁ ଅଧିକ ସୁଦୃଢ଼, ଗତିଶୀଳ ଏବଂ ଗୁଣାତ୍ମକ କରିବା ସହିତ ବିଭିନ୍ନ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନଙ୍କ ଦୀର୍ଘଦିନର ସମସ୍ୟା ସମାଧାନ ଦିଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ଦୃଢ଼ ଏବଂ ଐତିହାସିକ ପଦକ୍ଷେପ ଗ୍ରହଣ କରିଛନ୍ତି । ଅତ୍ୟନ୍ତ ସମ୍ପ୍ରତି ଅଭିଏଏସ୍ ଅଣ୍ଡାକ କୁମାର ତ୍ରିପାଠୀ କମିଟିର ସୁପାରିଶକୁ ଆଧାର କରି ରାଜ୍ୟ ସରକାର ଯେପରି ରାଜରେ ଏକକାଳୀନ ୧୫ଗୋଟି ଗୁରୁତ୍ୱପୂର୍ଣ୍ଣ ସୁପାରିଶକୁ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଛନ୍ତି, ତାହା ରାଜ୍ୟର ଶିକ୍ଷାକ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ଯୋଡ଼ିଛି ବୋଲି ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀ ତ୍ରିପାଠୀ କହିଛନ୍ତି । ଏହି ସ୍ୱାଗତଯୋଗ୍ୟ ପଦକ୍ଷେପ ମାଧ୍ୟମରେ ୨୦୧୩ରେ ସରକାରୀ ବୁଲ ଗ୍ରାଂଟ ଅନୁଦାନରୁ ବଂଚିତ ୧୯୫ଟି ଉଚ୍ଚ ବିଦ୍ୟାଳୟ ଅନୁଦାନଭୁକ୍ତ ହେବା, ପାର୍ଟ-ଟାଇମ୍‌ଜର, ସଂଗୀତ ଓ କ୍ରାଫ୍ଟ ଶିକ୍ଷକମାନଙ୍କ ମାସିକ ପାରିଶ୍ରମିକ ୬୦ ପ୍ରତିଶତ ବୃଦ୍ଧି କରି ୧୦,୦୦୦ ଟଙ୍କାରୁ ୧୬,୦୦୦ ଟଙ୍କାକୁ ବୃଦ୍ଧି କରିଛନ୍ତି । ସେହିଭଳି ପ୍ରାଥମିକ ଶିକ୍ଷକମାନଙ୍କର ଦରୁ ଦିନର ନିୟମିତ ପଦୋନ୍ନତି ବାଟଛାଡୁ ସରକାର ପୂରଣ କରି ୪ବର୍ଷ, ୮ବର୍ଷରେ ନିୟମିତ ପଦୋନ୍ନତି ଓ ଯୋଗ୍ୟ ଶିକ୍ଷକମାନଙ୍କୁ ବିଲଓ ଓ ଟିଇଟି ପରୀକ୍ଷ ପଦୋନ୍ନତିର ସୁଯୋଗ ସୃଷ୍ଟି କରିବା ଯୋଗୁଁ ପ୍ରାୟ ୨ଲକ୍ଷରୁ ଊର୍ଦ୍ଧ୍ୱ ପ୍ରାଥମିକ ଶିକ୍ଷକ ଉପକୃତ ହେବେ ବୋଲି ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀ ତ୍ରିପାଠୀ କହିଛନ୍ତି । ୨୦୧୬ରୁ ୨୦୧୮ ମସିହା ମଧ୍ୟରେ ନିଯୁକ୍ତ ଶିକ୍ଷା ସହାୟକ ନିୟମିତ କରିବା, ପ୍ରଥମ ଓ ମଧ୍ୟମ ସଂସ୍ଥିତ ଟୋଲ୍ ଗୁଡିକରେ ନିୟମିତ ଶିକ୍ଷକ ନିଯୁକ୍ତ କରିବା, ସରକାରୀ ବିଦ୍ୟାଳୟରେ ଚାକିରୀ କରିଥିବା ଆସିକାଲ ଶିକ୍ଷକମାନଙ୍କୁ ଟ୍ରେଣ୍ଡ ଗ୍ରାଜୁଏଟ୍ (ଟିଜି) ଶିକ୍ଷକ ଯୋଗ୍ୟତା ସାରଣୀରେ ଅନ୍ତର୍ଭୁକ୍ତ କରିବା, ଧନ୍ଦାମୂଳକ ପ୍ରଶିକ୍ଷକକୁ ନିୟମିତ ରାଜକେତନ ପ୍ରଦାନ କରିବା, ଓଡିଶା କନିଷ୍ଠ ଶିକ୍ଷକ (ସିମାଟିକ)କୁ ଅଧିକ ଯୋଗ୍ୟତା ହାସଲ କରିବାକୁ ସୁଯୋଗ ଦେବା ଏବଂ ୨୦୨୨ ମସିହାରେ ନିୟମିତ ହୋଇଥିବା ସରକାରୀ ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକମାନଙ୍କୁ ବଳେୟା ଡରମା ପ୍ରଦାନ କରିବା ନିଷ୍ପତ୍ତି ଅତ୍ୟନ୍ତ ପ୍ରଶଂସନୀୟ । ସେହିପରି ଆଦର୍ଶ ବିଦ୍ୟାଳୟଗୁଡ଼ିକର ଆବାସିକ ଛାତ୍ରଛାତ୍ରୀଙ୍କୁ କାର୍ଯ୍ୟକ୍ଷମ କରିବା, ଆଦର୍ଶ ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟରତ ସମସ୍ତ କର୍ମଚାରୀମାନଙ୍କ ନିୟମିତ ଡରମା ପାଇବାର ବ୍ୟବସ୍ଥା କରିବା, ଆଦର୍ଶ ବିଦ୍ୟାଳୟରେ ନିଯୁକ୍ତ ଟିଜିଟି ଶିକ୍ଷକମାନଙ୍କର ପୂର୍ବ ଚାକିରାର ଗଣତି ଓ ବେତନର ସୁରକ୍ଷା କରିବା, ଆଦର୍ଶ ବିଦ୍ୟାଳୟ କର୍ମଚାରୀ ମାନଙ୍କର ପିଲାମାନଙ୍କୁ ଆଦର୍ଶ ବିଦ୍ୟାଳୟରେ ପଢିବା ପାଇଁ ବ୍ୟବସ୍ଥା କରିବା, ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷାରେ ଉତ୍ସାହିତ କରିବା ପାଇଁ ଓ Robotics ପ୍ରଶାଖାରେ ଖେଳିବା ନିଷ୍ପତ୍ତି ଓଡିଶାର ଜଟିଷ୍ଟାର ନାଗରିକ ଗଠନ ପାଇଁ ଏକ ଜଟିଷ୍ଟ ପଦକ୍ଷେପ ହେବ ବୋଲି ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀ ତ୍ରିପାଠୀ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ଦିଲ୍ଲୀପ ମଲ୍ଲିକ ଓ ପ୍ରଚାରା ସମ୍ପ୍ରକ ରଥ ପ୍ରମୁଖ ଉପସ୍ଥିତ ଥିଲେ ।



ଆସନ୍ତା ଡ଼ିସେମ୍ବର ୬ତାରିଖରେ ଜବାହାର ନବୋଦୟ ବିଦ୍ୟାଳୟ ନର୍ଲାରେ ହେବାକୁ ଥିବା ଆଲୁମିନି ମିଟ୍ ପାଇଁ ପ୍ରସ୍ତୁତି ବୈଠକ

ଉଦାଳପାଟଣା, ୧୪/୧୧ (ଆ.ପ୍ର) : ଜବାହର ନବୋଦୟ ବିଦ୍ୟାଳୟ ସମିତି ତରଫରୁ ପ୍ରତ୍ୟେକ ବର୍ଷ ଡ଼ିସେମ୍ବର ମାସର ପ୍ରଥମ ରବିବାରରେ ପୂର୍ବତନ ଛାତ୍ରଛାତ୍ରୀ ମାନଙ୍କୁ ନିମନ୍ତ୍ରଣ କରି ସେହି ବିଦ୍ୟାଳୟମାନଙ୍କ ସହିତ ପୁନଃ ସଂଯୋଗ କରିବା, ବୃତିଗତ ଏବଂ ବ୍ୟକ୍ତିଗତ ନେଟୱାର୍କ ନିର୍ମାଣ କରିବା ଏବଂ ବର୍ତମାନର ଛାତ୍ରମାନଙ୍କ ଅଭିବୃଦ୍ଧିରେ ସକ୍ରିୟ ଭାବରେ ସାମିଲ କରିବା ପାଇଁ ଆୟୋଜିତ ହୋଇଥାଏ । ତେଣୁ କଳାହାଣ୍ଡି ଜିଲ୍ଲା ନର୍ଲାରେ ଥିବା ଜବାହର ନବୋଦୟ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ ସଂଗଠନର ସଭାପତି ଟଂ. ଲକ୍ଷ୍ମୀନାରାୟଣ ପଣ୍ଡା ନିଜ ଟିମ୍ ସହିତ ଆଜି ନବୋଦୟ ବିଦ୍ୟାଳୟ ଗସ୍ତ କରି ପ୍ରିନ୍ସିପାଲ୍ ଇନ୍ ଚାର୍ଜ ଯତୀନ ରଥଙ୍କ ଏକ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ ଏବଂ ଆଗାମୀ ଡ଼ିସେମ୍ବର ମାସ ପ୍ରଥମ ରବିବାର ୬ତାରିଖରେ ବିଦ୍ୟାଳୟ ପରିସର ଭିତରେ ହେବାକୁ ଥିବା ଆଲୁମିନି ମିଟ୍‌ରେ ବହୁସଂଖ୍ୟରେ ଆସି ସଫଳ କରିବା ପାଇଁ ସମସ୍ତ ପୂରାତନ ଛାତ୍ରଛାତ୍ରୀଙ୍କୁ ସଂଗଠନର ସଭାପତି ଶ୍ରୀ ପଣ୍ଡା ଅନୁରୋଧ କରିଛନ୍ତି । ଏହି ସାକ୍ଷାତ ସମୟରେ ବିଦ୍ୟାଳୟର ଗଣିତ ଶିକ୍ଷୟିତ୍ରୀ ଜମୀଦେବୀ ମିଟିଲିୟା, ଏଥ୍ଲେଟର ସାଧାରଣ ସମ୍ପାଦକ ଭବାନୀ ଶଙ୍କର ପଣ୍ଡା, କେଦାରନାଥ ଖମାରୀ, ତ୍ରିଲୋଚନ ହରିପାଲ, କାର୍ତିକ ସୁନା, ସରୋଜ ନାୟକ ଉପସ୍ଥିତ ଥିଲେ ।



ବାଲିଗୁଡ଼ାରେ ଧୁମ୍‌ଧାମରେ ପାଳିତ ହେଲା ଶିଶୁ ଦିବସ ନେହେରୁଙ୍କ ଜୟନ୍ତୀରେ ଶୋଭାଯାତ୍ରାରେ କମ୍ପିଲା ସହର

ବାଲିଗୁଡ଼ା, ୧୪/୧୧ (ଆ.ପ୍ର) : ଶିଶୁଙ୍କ ଜ୍ଞ, ଖୁସି ଓ ଉତ୍ସାହରେ ମୁଖରିତ ହୋଇଉଠିଲା ବାଲିଗୁଡ଼ା ସହର । ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜନ୍ମଜୟନ୍ତୀ ଅବସରରେ ସମଗ୍ର ଦେଶରେ ପାଳିତ ହେଉଥିବା ଶିଶୁ ଦିବସ ବାଲିଗୁଡ଼ା ସମେତ ଏହାର ଆଖପାଖ ଅଂଚଳରେ ଆନନ୍ଦ ଓ ଉତ୍ସାହର ସହ ପାଳିତ ହୋଇଯାଇଛି । ଏହି ଅବସରରେ ବାଲିଗୁଡ଼ା ଗାଉନର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ନିଜ ନିଜ ବିଦ୍ୟାଳୟ ନିକଟରେ ଏକତ୍ରିତ ହୋଇ ଏକ ବିରାଟ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ହାତରେ ବିଭିନ୍ନ ସଚେତନତାମୂଳକ ବାର୍ତା ଓ ନେହେରୁଙ୍କ ସାମ୍ବଳିତ ସ୍ଲୋଗାନ ମାନ ଦେଇ ଛାତ୍ରଛାତ୍ରୀମାନେ ସମସ୍ତ ସହର ପରିକ୍ରମା କରିଥିଲେ । ଶିଶୁଙ୍କ ଉତ୍ସାହପୂର୍ଣ୍ଣ ଉପସ୍ଥିତିରେ ସହରରେ ଏକ ଉତ୍ସବ ମୁଖର ପରିବେଶ ସୃଷ୍ଟି ହୋଇଥିଲା । ଶୋଭାଯାତ୍ରା ବାଲିଗୁଡ଼ା ଛକ ନିକଟରେ ପହଂଚିବା ପରେ ସେଠାରେ ଥିବା ପଣ୍ଡିତ ଜବାହରଲାଲ ନେହେରୁଙ୍କ ପ୍ରତିମୂର୍ତ୍ତି ନିକଟରେ ମାଲ୍ୟ ଓ ଧୂପ ପ୍ରଜ୍ୱଳନ କରାଯାଇଥିଲା । ଏଥିସହ ଛାତ୍ରଛାତ୍ରୀ ଓ ଉପସ୍ଥିତ ବକ୍ତିମାନେ ନେହେରୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରି ତାଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନ ଜଣାଇଥିଲେ । ଅନ୍ୟପକ୍ଷରେ ବିଭିନ୍ନ ବିଦ୍ୟାଳୟ ପରିସରରେ ଶିଶୁ ଦିବସ ଉପଲକ୍ଷେ ବିତ୍ତାଳନ, ବକ୍ତୃତା, ରଚନା ଓ ଅନ୍ୟାନ୍ୟ ପ୍ରତିଯୋଗିତା ଅୟୋଜନ କରାଯାଇଥିଲା । ଛାତ୍ରଛାତ୍ରୀମାନେ ଏସବୁ ପ୍ରତିଯୋଗିତାରେ ଉତ୍ସାହର ସହ ଭାଗ ନେଇ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । ପରେ ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଶିଶୁ ମାନେ ଦେଉଛନ୍ତି ଦେଶର ଭବିଷ୍ୟତ । ସେମାନଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାର ବିକାଶ, ସୃଜନଶୀଳତାର ପ୍ରସାର ଓ ଶିକ୍ଷା ପ୍ରତି ଆଗ୍ରହ ବୃଦ୍ଧି କରିବା ହିଁ ଶିଶୁ ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ଏହି ଦିବସ ପାଳନ ମାଧ୍ୟମରେ ଶିଶୁଙ୍କ ଅଧିକାର, ସୁରକ୍ଷା ଓ ସାମଗ୍ରିକ ବିକାଶ ପ୍ରତି ସମାଜର ଦାୟିତ୍ୱକୁ ସୁଶ୍ରିଥରେ ମନେ ପକାଇ ଦିଆଯାଇଛି ।



ନୂଆପଡ଼ାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଆବାସ ଲକ୍ଷ୍ୟ ବଂଟନ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ

ନୂଆପଡ଼ା, ୧୪/୧୧ (ଆ.ପ୍ର) : ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ ଓଡ଼ିଶା ପାଇଁ ନୂତନ ଆବାସ ଲକ୍ଷ୍ୟ ବଂଟନର ଶୁଭାରମ୍ଭ ଅବସରରେ ଆଜି ନୂଆପଡ଼ା ସଦର ମହକୁମା ସ୍ତିତ ପୋଲିସ ପଡ଼ିଆଠାରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବରାଙ୍ଗାରଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଙ୍କ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ, କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଯୋଗଦେଇ ଆବାସ ଲକ୍ଷ୍ୟ ବଂଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ନୂଆପଡ଼ାଠାରେ ଜିଲ୍ଲାପାଳ ଅନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ଅନ୍ୟା ଦାସଙ୍କ ସମେତ ବିଭିନ୍ନ ଜନପ୍ରତିନିଧି ଏନ୍‌ଏସିର ଅଧ୍ୟକ୍ଷ ଓ ସଦସ୍ୟ ଏବଂ ଜିଲ୍ଲା ପରିଷଦର ଅନ୍ୟାନ୍ୟ ଜନପ୍ରତିନିଧି, ଜୋମଜା ଓ ନୂଆପଡ଼ା ପଂଚାୟତ ସମିତିର ଅଧକ୍ଷା, ଖରିଆର ଚାରୁ ଓ ନୂଆପଡ଼ା ଏନ୍‌ଏସିର ଅଧକ୍ଷାଙ୍କ ସମେତ ବିଭିନ୍ନ ଜନପ୍ରତିନିଧି ଯୋଗଦେଇଥିଲେ । ଏଥିରେ ଅତିରିକ୍ତ ଜିଲ୍ଲାପାଳ ସୁଚାରୀ ଚହ୍ୱାନ ଓ ଗଣେଶ୍ୱର ଭଇଁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ, ସିଏମ୍-ଆର୍‌ଏଚ୍ ବିଦେଶ ଘୋଷ ଓ ନୂଆପଡ଼ା ବିଡିଓ ରୋହିତ ରୋଇଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମର ସମସ୍ତ ଆୟୋଜନ ଓ ପରିଚାଳନା କରାଯାଇଥିଲା । ଜିଲ୍ଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ଶ୍ରୀମାନିଧି ରୋଇ ଧନ୍ୟବାଦ ଅର୍ପଣ କରିଥିବାବେଳେ ଜିଲ୍ଲା ସମନ୍ୱୟ ସଂଯୋଜକ ଅଳିକ କୁମାର ରେଙ୍କା ମଂଚ ପରିଚାଳନା କରିଥିଲେ ।



'ମହକ ଓ ଉତ୍ସାହ' ଶିଶୁ ମହୋତ୍ସବରେ ରାୟଗଡ଼ାର ସଫଳତା, କୃତୀ ଶିଶୁଙ୍କୁ ଜିଲ୍ଲା ପ୍ରଶାସନର ସମ୍ବର୍ଦ୍ଧନା



ରାୟଗଡ଼ା, ୧୪/୧୧ (ଆ.ପ୍ର) : ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ମହକ ଓ ଉତ୍ସାହ'ରେ ରାୟଗଡ଼ା ଜିଲ୍ଲାର ଶିଶୁମାନେ ନିଜର ପ୍ରତିଭା ପ୍ରଦର୍ଶନ କରି ସଫଳତା ହାସଲ କରିଛନ୍ତି । ଭୁବନେଶ୍ୱରର ଜଜିଙ୍ଗ ଷ୍ଟାଡିୟମଠାରେ ଆୟୋଜିତ ଏହି ମହୋତ୍ସବର ବିଭିନ୍ନ ବ୍ରାଡ଼ା ଓ ସଂସ୍କୃତିକ ପ୍ରତିଯୋଗିତାରେ ଜିଲ୍ଲାର ବାଳ ନିକେତନ ଓ ସେବା ସମାଜ ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବାସୀମାନେ ରାଜ୍ୟସ୍ତରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ଶିଶୁମାନଙ୍କ ଏହି ସଫଳତାକୁ ସ୍ୱୀକୃତି ଦେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସେମାନଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ ଓ ଅତିରିକ୍ତ ଜିଲ୍ଲାପାଳ ଉଦୀୟନାଥ କଣ୍ଡିର କୃତୀ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନରେ ନିଜ ପ୍ରତିଭାର ବିକାଶ କରି ଆହୁରି ସଫଳତା ହାସଲ କରିବାକୁ ପ୍ରେରଣା ଦେଇଥିଲେ । ଏହି ଅବସରରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମାଧବେବ ବିତୁଆନ, ଆନୁଷାନିକ ଯତ୍ନ ଅଧିକାରୀ ମନୋରଞ୍ଜନ ବାଗ, ବାଳ ନିକେତନର ଅଧୀକ୍ଷକ ଅକ୍ଷୟ ରଞ୍ଜନ ମହାନ୍ତି, ଅଧୀକ୍ଷିକା ଝରଣା ନାୟକ ଓ ଶିଶୁ କଲ୍ୟାଣ ଅଧିକାରୀ ସ୍ନେହଲତା ଗନ୍ତାୟତ ପ୍ରମୁଖ ଉପସ୍ଥିତ ଥିଲେ ।

ବାଣପୁରରେ ଜାତୀୟ ଆଇନ ସେବା ସପ୍ତାହ ଉଦ୍‌ଯାପିତ

ଡିଜିନା/ ବାଣପୁର, ୧୪/୧୧ (ଆ.ପ୍ର) : ଜାତୀୟ ଆଇନସେବା ପ୍ରାଧିକରଣର ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ବାଣପୁର ତାଲୁକ ଆଇନ ସେବା ସମିତି ପକ୍ଷରୁ 'ଜାତୀୟ ଆଇନ ସେବା ଦିବସ' ଯଥା ନଭେମ୍ବର ୯ ତାରିଖରୁ ଜାରି ରହିଥିବା ସପ୍ତାହବ୍ୟାପି ଆଇନ ସଚେତନତା କାର୍ଯ୍ୟକ୍ରମ ଶନିବାର ଯଥା ନଭେମ୍ବର ୧୪ ତାରିଖ ଦିନ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଉଦଯାପିତ ହୋଇଯାଇଛି । ଉକ୍ତ ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରାଜେ ତାଲୁକ ଆଇନ ସେବା ସମିତି ଅଧକ୍ଷ ତଥା ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ରାବେ ବାଣପୁର ପ୍ରଥମ ଶ୍ରେଣୀ ବିଚାର ବିଚାରାୟ ବିଚାରପତି ରଶ୍ମିତା ପ୍ରିୟା ଏକ୍କା, ଶିଶୁମନ୍ଦିର ପରିଚାଳନା ସମିତି ସମ୍ପାଦକ ତଥା ବରିଷ୍ଠ ଆଇନଜୀବୀ ଶ୍ୟାମସୁନ୍ଦର ମିଶ୍ର, ଅଧକ୍ଷ କେଂଚିମିୟ ତ୍ରିପାଠୀ, ଫ୍ରଂଟ ଅଫିସ ଚଚ୍ଚେଦର ଶାନ୍ତନୁ ମହାପାତ୍ର ଓ ଅନ୍ୟ ଅତିଳ ଅତିଥି ଯୋଗଦେଇଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ବିଚାରପତି ଶ୍ରୀ ମହାପାତ୍ର ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ପଚିତ୍ର ଶିଶୁଦିବସର ଅଭିନନ୍ଦନ ଜଣାଇବା ସହ ବିଭିନ୍ନ ଆଇନ ସେବା ସମ୍ବନ୍ଧରେ ଅତିସଚେତନତା କାର୍ଯ୍ୟକ୍ରମ ବାଣପୁର ବୁକର ଏକାଧିକ ବିଦ୍ୟାଳୟ ଯଥା ଜେଟିନାଥ ଦେବ ସରକାରୀ ଉଚ୍ଚ ବିଦ୍ୟାଳୟ, ଶ୍ରୀ ଅରବିନ୍ଦ ସ୍କୁଲ ଏଫ ଇଂଟପ୍ରାଇଜ ଏକୁକେସନ, ଆଦର୍ଶ ବିଦ୍ୟାଳୟ ଏବଂ ଗୋବାବରୀଶ ମହାବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସ୍ଥାନ ଗୁଡିକରେ ଅତିଥିମାନଙ୍କ ଦ୍ୱାରା ଆଇନ ସେବା ପ୍ରାଧିକରଣ ଅଧିନିୟମ, ମଧ୍ୟସ୍ଥତା, ନ୍



ସୀମାନ୍ତର ଆରମ୍ଭ
SEITHO ARAMBHA

ରବିବାର ୧୫ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮



ଅଣ୍ଡର ୧୯ ଏସିଆ କପ୍: ପାକିସ୍ତାନକୁ ହରାଇ ଭାରତ ଚାମ୍ପିୟନ



ନୂଆଦିଲ୍ଲୀ, ୧୪/୧୧ (ନ୍ୟୁ.ଏ) : ଅପ୍ରତ୍ୟାଶିତ । ଛାତି ଧଡ଼ଧଡ଼ କରି ଦେବା ଭଳି ମ୍ୟାଚ୍ । ଶେଷରେ ସବୁ ଆକଳନ ଓ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଅଣ୍ଡର ୧୯ ଏସିଆନ କପ ଜିତିଛି ଭାରତୀୟ ଟିମ । ନିଶ୍ଚିତ ପରାଜୟକୁ ବିଜୟରେ ପରିଣତ କରିଛି ଭାରତୀୟ ଟିମ । ଶେଷ ବଲରେ ୩ ରନ ଦରକାର ଥିବା ବେଳେ ଦୁତ ବୋଲର ମୋହିଲ ଭଲରା କମାଲ କରିଛନ୍ତି । ସେ ଚୌକା ମାରି ଭାରତକୁ ୨୦୨୬ ଅଣ୍ଡର ୧୯ ଏସିଆ କପ ଜେତି ଦେଇଛି । ମୋହିତ ଓ ମନଲ ଚୌହାନଙ୍କ ଯୋଡ଼ି ପାକିସ୍ତାନ ହାତରୁ ବିଜୟ ଛଡ଼ାଇ ଆଣି ଦେଖିବୁ ୮ ୱିକେଟରେ ଜିତାଇ ଦେଇଛନ୍ତି ।

ଏଥିସହ ଗ୍ରୁପ ପର୍ଯ୍ୟାୟ ଓ ୨୦୨୫ ଫାଇନାଲ ପରାଜୟର ମଧୁର ପ୍ରତିଶୋଧ ମଧ୍ୟ ପାକିସ୍ତାନ ପାରୁ ନେବାକୁ ସକ୍ଷମ ହୋଇଛନ୍ତି ଲକ୍ଷ୍ୟ ରାଇଟଦାନାଙ୍କ ଭାରତ । ୨୦୨୫ରେ ଦଳ ଆୟୁଷ ମାଇତ୍ରେଙ୍କ ଭାରତକୁ ଏକତରଫା ଭାବେ ହରାଇ ଥିଲା ପାକିସ୍ତାନ । ଭାରତ ୨୦୨୧ ପରେ ପ୍ରଥମଥର ଅଣ୍ଡର ୧୯ ଏସିଆ କପ ଜିତିବାକୁ ମଧ୍ୟ ସକ୍ଷମ ହୋଇଛି । ୨୦୨୬ରେ ଦଳ ଲକ୍ଷ୍ୟ ରାଇଟଦାନାଙ୍କ ଦଳ ପାକିସ୍ତାନକୁ ୧ ୱିକେଟରେ ହରାଇ ଦେଇଛି । ଲକ୍ଷ୍ୟାଙ୍କ ଅଣ୍ଡର ୧୯ ଭାରତୀୟ ଟିମରେ ବୀରଭ ସେହ୍ୱାଗଙ୍କ ପୁଅ ଆର୍ଯ୍ୟବୀର ଓ ରାହୁଲ ଦ୍ରାବିଡଙ୍କ ପୁଅ ଅନ୍ୱୟ ରହିଥିଲେ । ୪୨ ଓଭର ସୁଦ୍ଧା ଭାରତ ୮ ୱିକେଟ ହରାଇ ୨୫୨ ରନ କରିଥିଲା । ଟାର୍ଗେଟ ୩୩୩ ଥିବାରୁ ଭାରତ ଗୋଟିଏ ପରାଜୟ ଦିଗରେ ଯାଉଥିବା ସମୟେ ଭାରି ଦେଇଥିଲେ । କିନ୍ତୁ ମନଲ ଚୌହାନ ଓ ମୋହିତ ଫ୍ରିଟି ବଦଳାଇ ଦେଇଥିଲେ । ଉଭୟ ବଡ଼ବଡ଼ ଶଟ ଖେଳି ଭାରତର କମବ୍ୟାକ କରାଇଥିଲେ । ମନଲ ୩୨ ବଲରେ ୪୨ ରନ ଆଉଟ ହେବା ପରେ ପୁଣି ଭାରତର ଆଶା ମଉଜି ଯାଇଥିଲା । କିନ୍ତୁ ମୋହିତ ହାର ମାନି ନଥିଲେ । ତାଙ୍କୁ ବଢିଚ ଦୁର୍ଘାତଂଗଂରେ ପ୍ରଥମ ମ୍ୟାଚ୍ ଖେଳୁଥିବା ଲେଙ୍କଦା ମଧ୍ୟ ସାଥ ଦେଇଥିଲେ । ଶେଷରେ ମୋହିତ ଚୌକା ମାରି ଭାରତକୁ ଜିତାଇଛନ୍ତି । ମୋହିତ ୨୬ ବଲରେ ଖେଳିକିନ୍ତି ଅପରାଜିତ ୪୯ ରନ କରିଂସ । ଲେଙ୍କଗଂ ମଧ୍ୟ ୮ ବଲରେ ୧୧ ରନ କରିଛନ୍ତି । ଓମାନ କ୍ରିକେଟ ଗ୍ରାଉଣ୍ଡରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରୁଥିବା ପାକିସ୍ତାନ ଭସମାନ ଖାନ୍ଙ୍କ ୧୦୨, ଅବଦୁଲ କାଦିରଙ୍କ ୮୦, ଅଧିନାୟକ ଫରହାନ ୟୁସୁଫ୍ଙ୍କ ୬୩ ରନ ବଳରେ ନିର୍ଦ୍ଧାରିତ ୫୦ ଓଭରରେ ୯ ୱିକେଟ ହରାଇ ୩୩୨ ରନ କରିଥିଲା । ଏହାର ଜବାବରେ ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୯ ୱିକେଟ ହରାଇ କେବଳ ୩୩୯ ରନ କରିପାରିଛି । ୨୬ ବଲରେ ଅପରାଜିତ ୪୯ ରନ କରିଥିବା ମୋହିତ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ଜିତିଛନ୍ତି । ସେହିପରି ସେହ୍ୱାଗଙ୍କ ପୁଅ ଆର୍ଯ୍ୟବୀର ପୂରା ଦୁର୍ଘାଂମଂଟରେ ଦମଦାର ପ୍ରଦର୍ଶନ କରିଥିବା ମ୍ୟାନ ଅଫ ଦି ସିରିଜ ପୁରସ୍କାର ହାତେଇଛନ୍ତି । ଅଣ୍ଡର ୧୯ ଏସିଆ କପରେ ଆର୍ଯ୍ୟବୀର ଗୋଟିଏ ଶତକ ଓ ୩ଟି ଅର୍ଦ୍ଧଶତକ ସହ ହାସଲ କରିଥିଲେ ୩୬୧ ରନ । ତାଙ୍କ ଠାରୁ ଅଧିକ ରନ କେହି ବି ଏସିଆ କପରେ କରି ନାହାନ୍ତି । ୨୦୨୫ ଅଣ୍ଡର ୧୯ ଏସିଆ କପ ଫାଇନାଲରେ ପାକିସ୍ତାନ ୮ ୱିକେଟ ହରାଇ ୩୩୪ ରନ କରିଥିଲା । ଭାରତ ପକ୍ଷରୁ ବେଭଭ ସୂର୍ଯ୍ୟବଂଶୀ ଓ ଆୟୁଷ ମାଇତ୍ରେଙ୍କ ଭଳି ଖେଳାଳି ଥିଲେ ହେଁ ଦଳ କେବଳ ୧୫୬ ରନ କରିବାକୁ ସକ୍ଷମ ହୋଇଥିଲା । ପାକିସ୍ତାନର ଉକ୍ତ ଅଣ୍ଡର ୧୯ ଟିମରେ ଥିବା ପ୍ରାୟ ୮ ଜଣ ଖେଳାଳି ୨୦୨୬ରେ ମଧ୍ୟ ଏସିଆ କପ ଖେଳିଛନ୍ତି । କିନ୍ତୁ ଭାରତ ପୂରା ନୂଆ ଟିମ ସହ ଏସିଆ କପକୁ ଓହ୍ଲାଇଥିଲା । ଆଜିର ମ୍ୟାଚ୍ ଲଥା ବିତାରକୁ ଗଲେ ଭାରତ ପାଇଁ ବଳିତ ଏସିଆ କପରେ ସର୍ବାଧିକ ୱିକେଟ ବଦ୍ଧାର କରିଥିବା ଶ୍ରୀଶାନ ସୁଦ ଅଛତ ପାଇଁ ପାଇନାମରୁ ବଂଚିତ ହୋଇଥିଲେ । ଏହାର ଫାଇଦା ମଧ୍ୟ ପାକିସ୍ତାନକୁ ମିଳିଥିଲା । ପାକିସ୍ତାନର ଟପ ଅର୍ଡର ଜବରଦସ୍ତ ବ୍ୟାଟିଂ କରି ଭାରତୀୟ ବୋଲରଙ୍କୁ ଘାଇଲା କରିଥିଲେ । ପାକିସ୍ତାନ ଫାଇନାଲ ଭଳି ମ୍ୟାଚ୍‌ରେ ୩୩୩୭ ରନ କରି ନେଇଥିଲା । ୩୩୩୮ ରନର ଲକ୍ଷ୍ୟ ନେଇ ପହିଆକୁ ଓହ୍ଲାଇଥିବା ଭାରତ ପାଇଁ ଆର୍ଯ୍ୟବୀର ସେହ୍ୱାଗ ଓ ଅଧିନାୟକ ଲକ୍ଷ୍ୟ ଥିଲା ଖାର୍ତ ଦେଇଥିଲେ । ଉଭୟ ପ୍ରଥମ ୱିକେଟ ପାଇଁ ୯୫ ରନ ଯୋଡ଼ିଥିଲେ ହେଁ ଏଥିପାଇଁ ୧୭ ଓଭର ବ୍ୟାଟିଂ କରିଥିଲେ । ଆର୍ଯ୍ୟବୀର ବଳିତ ଦୁର୍ଘାଂମଂଟରେ କ୍ରମାଗତ ତୃତୀୟ ଅର୍ଦ୍ଧଶତକ ମାରିବା ପରେ ଗିୟର ବଦଳାଇବାକୁ ଚେଷ୍ଟା କରିଥିଲେ । କିନ୍ତୁ ୬୧ ବଲରେ ୫୮ ରନ କରି ନିକାଦ ଶଟ୍‌ଜିକ ବଲରେ ଆଉଟ ହୋଇଯାଇଥିଲେ । ଲିଜେ ବିନୀତ କିଛି ଶଟ ଖେଳିଥିଲେ ହେଁ କେବଳ ୨୪ ରନ କରିପାରିଥିଲେ । ପାକିସ୍ତାନ ବିପକ୍ଷ ଗ୍ରୁପ ପର୍ଯ୍ୟାୟରେ ଶତକ ମାରିଥିବା ଅର୍ଜୁନ ଘାଲପୁତ ଆଜି କେବଳ ୧୬ ରନ ହିଁ କରିପାରିଛନ୍ତି । ଯଶବର୍ଦ୍ଧନ ଚୌହାନ ୯ ରନ କରି ୪ର୍ଥ ବ୍ୟାଟର ଭାବେ ପାଭିଲିୟନ ଫେରିଥିଲେ । ଗୋଟିଏ ପଟେ ୱିକେଟ ପଡୁଥିବା ବେଳେ ଅଧିନାୟକ ଲକ୍ଷ୍ୟ ସ୍ଥିତି ସାମାଜି ଅନ୍ୟ ପଟେ ରହିଥିଲେ । ହେଲେ ରନର ଗତି ବଢ଼ାଇବାକୁ ସେ ସକ୍ଷମ ହୋଇ ନଥିଲେ । ଡ୍ରାଭିଡଙ୍କ ପୁଅ ଅନ୍ୱୟ ଜିତ୍ରେ ଆସିବା ପରେ କ୍ରମାଗତ ଚୌକା ମାରି ରନର ଗତି ବଢ଼ାଇଥିଲେ । ଏବଂ ଜିତିବେ ୧୦୧ ବଲରେ ୮୦ ରନ କରି ଅଲୀ ରାଇଟଦାନ ବଲରେ ଆଉଟ ହୋଇଯାଇଥିଲେ ଲକ୍ଷ୍ୟ । ପରବର୍ତ୍ତୀ ବଲରେ ଅନ୍ୱୟ ୧୨ ବଲରେ ୧୯ ରନ କରି ରନ ଆଉଟ ହୋଇଯାଇଥିଲେ । ଏହି ଦୁଇ ବ୍ୟାଟର ଆଉଟ ହେବା ପରେ ଭାରତର ବିଜୟ ଆଶା ପୂରା ମଉଜି ଯାଇଥିଲା । ମନଲ ଚୌହାନ ଓ ଆର୍ଯ୍ୟନ ସାବସିନି କିଛି ଶଟ ଖେଳିଥିଲେ ହେଁ ଯଥେଷ୍ଟ ହେବା ଭଳି ଲାଗୁ ନଥିଲା । ଦରକାର ଥ୍ରୋର ୨୫୧ ଥିବା ବେଳେ ଆର୍ଯ୍ୟନ ୧୪ ବଲରେ ୯ ରନ କରି ରିଜ୍‌ୱାନୁଲ୍ଲାଙ୍କ ତୃତୀୟ ଶିକାର ବନିଥିଲେ । ଏହାପୂର୍ବରୁ ସେ ବିନୀତ ଓ ଅର୍ଜୁନଙ୍କ ୱିକେଟ ମଧ୍ୟ ନେଇଥିଲେ । ପରବର୍ତ୍ତୀ ଓଭରରେ ମହମ୍ମଦ ସାୟମଙ୍କୁ ମଧ୍ୟ ସଫଳତା ମିଳିଥିଲା । ତାଙ୍କ ଶିକାର ବନିଥିଲେ ଚୌଦ୍ଧରୀ ୫ ୱିକେଟ ନେଇଥିବା କାଡ଼ୀ ପଟେଲ । ଭାରତ ମଧ୍ୟ ୨୫୨ ରନରେ ନିଜର ୮ମ ୱିକେଟ ହରାଇଥିଲା । ଶେଷ ୪୨ ବଲରେ ୭୯ ରନ ଦରକାର ଥିବା ବେଳେ ମନନ କିଛି ବଡ଼ ଶଟ ଖେଳିବାକୁ ଉଦ୍ୟମ କରିଥିଲେ । ତାଙ୍କୁ ମୋହିତ ଭଲରା ଉତ୍ତମ ସାଥ ଦେଇଥିଲେ । ଉଭୟ ୪୪ତମ ଓଭର ଚୌଲିଂ କରୁଥିବା ସାୟମଙ୍କ ଠାରୁ ୧୯ ରନ ଆଦାୟ କରିଥିଲେ । ୬ ଓଭରରେ ୬୦ ରନ ରହିବାରୁ ପାକିସ୍ତାନ ଉପରେ ଚାପ ପୁଣି ବଢ଼ିଥିଲା । ଏତିକି ବେଳେ ଚୌଲିଂ କରିବାକୁ ଆସିଥିଲେ ରିଜ୍‌ୱାନୁଲ୍ଲା । ଏଥର ଜମାଇ କରିଥିଲେ ମୋହିତ । ସେ ଗୋଟିଏ ଛକା ଓ ଚୌକା ସହ ମୋଟ ୧୩ ରନ ଆଦାୟ କରିଥିଲେ । ୪ ୬ତମ ଓଭରରେ ଅଲୀ ରାଜା ମଧ୍ୟ ୧୩ ରନ ଦେବାରୁ ଭାରତର ଲକ୍ଷ୍ୟ ୩ ଓଭରରେ ୩୪ ରନ ପଞ୍ଚତି ଯାଇଥିଲା । ହେଲେ ସେ ମାତ୍ର ୪ ରନ ଦେବାରୁ ମ୍ୟାଚ୍‌ରେ ପୁଣି ରୋମାଂଚ ଭରି ଯାଇଥିଲା । ସମସ୍ତଙ୍କୁ ବଳିତ କରି ୪୮ତମ ଓଭର ପକାଇବାକୁ ଆସିଥିଲେ ଖିନର ନିକାଦ । ଆଉ ଦ୍ୱିତୀୟ ବଲରେ ହିଁ ସେ ୪୨ ରନ କରିଥିବା ମନଲ ଚୌହାନଙ୍କୁ ଆଉଟ କରି ପାକିସ୍ତାନର ବିଜୟକୁ ଏକ ପ୍ରକାରର ନିଶ୍ଚିତ କରି ଦେଇଥିଲେ । ଶେଷ ୨ ଓଭରରେ ୨୫ ରନ ଥିବା ବେଳେ ଷ୍ଟାକଜେର ରହିଥିଲେ ମୋହିତ । ସେ ସାୟମଙ୍କ ପ୍ରଥମ ବଲରେ ଚୌକା ମାରିଥିଲେ । ଦ୍ୱିତୀୟ ବଲ ସିଧା ଛକା ହୋଇଯାଇଥିଲା । ତୃତୀୟ ବଲରେ ସେ ୧ ରନ ନେଇ ଶେଷ ବ୍ୟାଟର ଭାବେ ଜିତକୁ ଆସିଥିବା ଚୌଦ୍ଧରୀଙ୍କୁ ଯଠାକୁ ଷ୍ଟାକଜେର ଦେଇ ଦେଇଥିଲେ ।

କମବ୍ୟାକ ମ୍ୟାଚ୍‌ରେ ଗର୍ଜିଲା ସୂର୍ଯ୍ୟ କୁମାରଙ୍କ ବ୍ୟାଟ୍



ନୂଆଦିଲ୍ଲୀ, ୧୪/୧୧ (ନ୍ୟୁ.ଏ) : ଜବରଦସ୍ତ ଢଙ୍ଗରେ କମବ୍ୟାକ୍ କରିଛନ୍ତି ଭାରତୀୟ ଟିମରୁ ବାଦ ପଡ଼ିଥିବା ସୂର୍ଯ୍ୟ କୁମାର ଯାଦବ । ଆଜି ସୂର୍ଯ୍ୟ କୁମାର ନିଜର ପୁରୁଣା ଜଲ୍ଖ୍ୟା ଦେଖାଇଛନ୍ତି । ସମ୍ଭିତ ମୁଖାକ ଅଲୀ ଟ୍ରପିରେ ମୁମାଇର ନେତୃତ୍ୱ ନେଉଥିବା ସୂର୍ଯ୍ୟ କୁମାର ଖେଳିଛନ୍ତି ୨୧ ରନରେ ଅପରାଜିତ ୬୦ ରନର ଇନିଂସ । ଏହି ପ୍ରତିଯୋଗିତାରେ ଲିଂସ ଯୋଗୁ ଶନିବାର ହାଇଦ୍ରାବାଦକୁ ୭ ୱିକେଟରେ ମୁମାଇ ହରାଇ ଦେଇଛି । ସୂର୍ଯ୍ୟ କୁମାରଙ୍କ ବ୍ୟାଡାତ ମୁଖାର ଖାନ ୨୪ ବଲରେ ୫୧ ଓ ଶେଷରେ ଶିବମ ଦୁବେଙ୍କ ଶେଷ ଝର୍ଜରେ ମୁମାଇ ମ୍ୟାଚ୍‌କୁ ୧୩.୧ ଓଭରରେ ଘାରି ଦେଇଛି । ୨୦୨୬ ଟି-୨୦ ବିଶ୍ୱକପ ଚିତିବା ପରେ ସୂର୍ଯ୍ୟ କୁମାର ନିଜର କ୍ୟାପ୍‌ଟ୍ୱିନ୍ ଓ ଟିମରେ ସ୍ଥାନ ହରାଇଥିଲେ । ଏବେ ତାଙ୍କୁ ଆଇପିଏଲ ପରେ ପ୍ରଥମଥର ପାଇଁ କ୍ରିକେଟ ମୈଦାନରେ ଦେଖିବାକୁ ମିଳିଛି । ମୁମାଇ ଟି-୨୦ ଲିଗ୍ ଓ କୁଚ କ୍ରିକେଟ ଖେଳିବା ପରେ ତାଙ୍କୁ ସମ୍ଭିତ ମୁଖାକ ଅଲୀ ଟ୍ରପି ପାଇଁ ମୁମାଇର କ୍ୟାପ୍‌ଟନ କରାଯାଇଥିଲା । ଆଉ ପ୍ରଥମ ମ୍ୟାଚ୍‌ରେ ହିଁ ସେ ଜଲାଶ୍ରା ଦେଖାଇଛନ୍ତି । ମୁମାଇ ବିପକ୍ଷରେ ପ୍ରଥମେ ବ୍ୟାଟିଂ କରି ହାଇଦ୍ରାବାଦ ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ୩ ୱିକେଟ ହରାଇ ୧୭୨ ରନ କରିଥିଲା । ୧୭୩ ରନର ଟାର୍ଗେଟକୁ ପିଛା କରୁଥିବା ମୁମାଇକୁ ଦମଦାର ଷ୍ଟାର୍ଟ ଦେଇଥିଲେ ଅଙ୍ଗକ୍ରିଶ ରଘୁବଂଶୀ(୧୩ ବଲ ୨୭) ଓ ହାର୍ଦ୍ଦିକ ତାମୋରେ(୧୬ ବଲରେ ୨୨) । ମୁମାଇ ୭.୫ ଓଭରରେ ୨ ୱିକେଟ ହରାଇ ୯୦ ରନ କରିଥିବା ବେଳେ ସୂର୍ଯ୍ୟ କୁମାର ଓ ମୁଶାର ଖାନ୍‌ଦ୍ରାବାର ବୋଲରଙ୍କୁ ନିର୍ଘାତ ପିଟିଥିଲେ । ପ୍ରଥମ ୭ ବଲରେ ସୂର୍ଯ୍ୟ କୁମାର ୨୩ ଛକା ଓ ୨ଟି ଚୌକା ମାରିଥିଲେ । ଏହାପରେ ମାତ୍ର ୧୫ ବଲରେ ନିଜର ଅର୍ଦ୍ଧଶତକ ହାସଲ କରିଥିଲେ । ସୂର୍ଯ୍ୟ କୁମାର ଆଜିର ମ୍ୟାଚ୍‌ରେ ଦେବ ଦେତ୍ତୋଙ୍କ ଗୋଟିଏ ଓଭରରୁ ୨୨ ରନ ଆଦାୟ କରିଛନ୍ତି । ଏହାପରେ ପ୍ରତବ ବର୍ମାଙ୍କ ଓଭରରୁ ମୁଶାରଙ୍କ ସହ ମିଶି ୨୪ ରନ ହାସଲ କରିଥିଲେ । ମ୍ୟାଚ୍‌ରେ ୨୨ଟ ଓଭରରେ ମୁଶାର ୫୧ ରନ କରି ଆଉଟ ହୋଇଯାଇଥିଲେ । କିନ୍ତୁ ସୂର୍ଯ୍ୟ କୁମାର ବଡ଼ ଶଟ ଖେଳିବା ଜାରି ରଖିଥିଲେ । ଶେଷରେ ବୁଡେ ୧୪ତମ ଓଭରରେ ଛକା ମାରି ବିଜୟ ମୁଖି ମାରିଥିଲେ । ଅପରାଜିତ ୬୦ ରନର ଜଳିଂସରେ ସୂର୍ଯ୍ୟ କୁମାର ୬ଟି ଚୌକା ଓ ୫ଟି ଚୌକା ମାରିଛନ୍ତି । ମୁଶାର ୬ଟି ଚୌକା ଓ ୩ଟି ଛକା ଏବଂ ବୁଡେକ ବ୍ୟାଟରୁ ମଧ୍ୟ ଛକା ଦେଖିବାକୁ ମିଳିଛି ।

ବିବାଦୀୟ ପୋଷ୍ଟ ପାଇଁ ବିଜେପି ସାଂସଦ କଙ୍ଗନାଙ୍କ ନାଁରେ ରୁଜୁ ହେଲା ଏଫଆଇଆର



ନୂଆଦିଲ୍ଲୀ, ୧୪/୧୧ (ନ୍ୟୁ.ଏ) : ଅଭିନେତ୍ରୀରୁ ବିଜେପିର ସାଂସଦ ବନିଥିବା କଙ୍ଗନା ରାଣାୱତଙ୍କ ନାଁରେ ଏଫଆଇଆର । ହିମାଚଳ ପ୍ରଦେଶ ପୁଲିସ୍ ଶିମଲାରେ କଙ୍ଗନାଙ୍କ ନାଁରେ ଏଫଆଇଆର ରୁଜୁ କରିଛି । ଗାନ୍ଧି ପରିବାରକୁ ଟାର୍ଗେଟ କରି ସୋଶାଲ ମିଡିଆରେ ବିବାଦୀୟ ପୋଷ୍ଟ କରିଥିବାର କଙ୍ଗନା । ତାଙ୍କ ପୋଷ୍ଟ ବିଦ୍ୱେଷ ସୃଷ୍ଟିକାରୀ ଓ ଏହା ଶୃଙ୍ଖଳା ଭଙ୍ଗ କରିବାର ଆଶଙ୍କା ଥିବା ଅଭିଯୋଗ ହୋଇଥିଲା । ଏହି ଅଭିଯୋଗ ଆଧାରେ ପୁଲିସ୍ ଏଫଆଇଆର ପଞ୍ଜିକରଣ କରିଛି । ଅବସରପ୍ରାପ୍ତ ସେନା ଅଧିକାରୀ ତଥା ଶିମଲା ବାସିନ୍ଦା ଅରୁଣ ଶର୍ମା ପ୍ରଥମେ କଙ୍ଗନାଙ୍କ ସୋଶାଲ ମିଡିଆ ପୋଷ୍ଟ ଉପରେ ପ୍ରଶ୍ନ ଉଠାଇଥିଲେ । ସେ ଅଭିଯୋଗ କରିଥିଲେ ଯେ କଙ୍ଗନା ନରେନ୍ଦ୍ରର ୧୦ରେ ତାଙ୍କ ସୋଶାଲ ମିଡିଆ ଆକାଉଣ୍ଟରେ ଗୋଟିଏ ପୋଷ୍ଟ କରିଥିଲେ । ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧିଙ୍କ ସମେତ ତାଙ୍କର ପୁତ ପୁଅ ରାଜୀବ ଗାନ୍ଧି ଓ ସଞ୍ଜୟ ଗାନ୍ଧିଙ୍କ ମୃତ୍ୟୁକୁ ନେଇ ଏହି ପୋଷ୍ଟ ଅତ୍ୟନ୍ତ ଉତ୍ତକାରତା ଭଳି ରହିଥିଲା । ଏହା ଶୃଙ୍ଖଳା ଭଙ୍ଗ କରିବା ସହ ବିଦ୍ୱେଷ ସୃଷ୍ଟି କରିପାରେ ବୋଲି ସେ କହିଥିଲେ । ଏନେଇ ସେ ପୁଲିସର ଦ୍ୱାରସ୍ଥ ହେବା ପରେ ଭାରତୀୟ ନ୍ୟାୟ ସଂହିତାର ଧାରା ୧୮୩(୧)(ବି) ଓ ୩୫୩(୨) ଅନୁସାରେ ଏଫଆଇଆର ରୁଜୁ କରାଯାଇଛି । ଏବେ ଏହାର ତଦନ୍ତ ଜାରିଥିବା ଶିମଲା ଏସ୍‌ପି ଗୋରବ ସିଂହ ସୂଚନା ଦେଇଛନ୍ତି । ଅଭିଯୋଗରେ ସୋଜିଆ ଗାନ୍ଧିଙ୍କୁ ନିଜ ସୋଶାଲ ମିଡିଆରେ ଜଣେ ଉତ୍ତମ୍ୟମୟ ବିଦେଶୀ ନାଗରିକ ବୋଲି କଙ୍ଗନା ସମ୍ବୋଧନ କରିଥିବା କଥା ଉଲ୍ଲେଖ କରାଯାଇଛି । ଶର୍ମା ତାଡି କରିଛନ୍ତି ଯେ ଗାନ୍ଧି ପରିବାରର ଜଣଙ୍କ ପରେ ଜଣେ ସଦସ୍ୟଙ୍କୁ ହତ୍ୟା କରାଯିବା ପୂର୍ବରୁ ସୋନିଆ ବିଦେଶର ଗୋଟିଏ କାଫେକୁ ଯାଇଥିଲେ । ଏହାପରେ ସେ ସରକାରଙ୍କ ମୁଖ୍ୟା ବନି ଯାଇଥିଲେ । ଏହା ଭେଡେ ଭୁଲିଯା ଜନକ ଥିଲା ବୋଲି କଙ୍ଗନା ନିଜ ପୋଷ୍ଟରେ ସଙ୍କେତ ଦେଇଛନ୍ତି । ଏବେ ଏହାକୁ ନେଇ କଙ୍ଗନା ବିବାଦରେ ପଡିଛନ୍ତି । ତଦନ୍ତ ବେଳେ ପୁଲିସ ତାଙ୍କୁ ପଚରାଉଚରା ପାଇଁ ମଧ୍ୟ ଥାନକୁ ଡାକିବାର ଯଥେଷ୍ଟ ସମ୍ଭାବନା ରହିଛି ।

୬ ବର୍ଷ ପରେ ପୁଣି ମେଂଟ କରିବେ ଶିରୋମଣି ଅକାଳୀ ଦଳ ଏବଂ ବିଜେପି



ଅମୃତସର, ୧୪/୧୧ (ନ୍ୟୁ.ଏ) : ୬ ବର୍ଷ ପରେ ପୁଣି ଶିରୋମଣି ଅକାଳୀ ଦଳ (ଏସ୍‌ଏଡି) ଏବଂ ବିଜେପି ଦିଧାନସଭା ନିର୍ବାଚନ ପାଇଁ ମେଂଟ କରିବାକୁ ଯାଉଛନ୍ତି । ୨୦୨୨ ପଞ୍ଜାବ ଦିଧାନସଭା ନିର୍ବାଚନ ପାଇଁ ଏହି ମେଂଟ ଗଠନ ନିମନ୍ତେ ଜଥାବାଦୀ ତୃତୀୟ ପର୍ଯ୍ୟାୟରେ ପହଂଚିଛି । ମିଳିଥିବା ସୂଚନାନୁଯାୟୀ ଆସନ ବଂଟନ ନେଇ ଉଭୟ ପକ୍ଷ ମଧ୍ୟରେ କଥାବାର୍ତ୍ତା ଜାରି ରହିଛି । ଆସନ ବୁଝାମଣା ତୃତୀୟ ଥରେ ମେଂଟ ସଂକ୍ରାନ୍ତରେ ଔପଚାରିକ ଭାବେ ଘୋଷଣା କରାଯିବ ବୋଲି ଉଭୟ ଅକାଳୀ ଦଳ ଏବଂ ବିଜେପି ସୂତ୍ରରୁ ଜଣାପଡ଼ିଛି । ଉତିମଧ୍ୟରେ ଜାଣିବାକୁ ମିଳିଛି ଯେ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ତଥା ବିଜେପିର ପଞ୍ଜାବ ନିର୍ବାଚନ ପ୍ରଭାରୀ ସି ଆର ପାଟିଲ ଆସନ୍ତା ୧୭ ତାରିଖରେ ପଞ୍ଜାବ ଗସ୍ତ କରିବେ ବୋଲି ଆଶା କରାଯାଉଛି । ସେ ତାରିଖରେ ଚାଲି ବିଜେପି ନେତାମାନଙ୍କୁ ଭେଟିବେ । ମେଂଟ କଥାବାର୍ତ୍ତା ମଧ୍ୟରେ ଏହି ଗସ୍ତକୁ ଖୁବ୍ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି । ଅନ୍ୟପଟେ ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂହ ଗତ ଜିଞ୍ଜିଦିନ ତଳେ ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଥିଲେ ।

ବିଜେପି ଶାସନରେ ଭାରତ ଆଉ ଗଣତନ୍ତ୍ର ହୋଇ ରହିନାହିଁ: ରାହୁଲ ଗାନ୍ଧୀ



ହାଇଦ୍ରାବାଦ, ୧୪/୧୧ (ନ୍ୟୁ.ଏ) : ବିଜେପି ସରକାରଙ୍କ ନେତୃତ୍ୱରେ ଭାରତରେ ଆଉ ଗଣତନ୍ତ୍ର ରହିନାହିଁ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶନିବାର କହିବା ସହିତ ୨୦୧୪ ପରେ ଦେଶରେ ଗଣତାନ୍ତ୍ରିକ ପ୍ରତିଷ୍ଠାନଗୁଡ଼ିକୁ ଦୁର୍ବଳ କରାଯାଉଛି ବୋଲି କହିଛନ୍ତି । ତେଲେଙ୍ଗାନା ସରକାରଙ୍କ ଦ୍ୱାରା ଆୟୋଜିତ ଭାରତ ଅଗ୍ରିଜନଗରେ ଉତ୍ତୋଳନ ବେଳା ଗାନ୍ଧୀ କହିଛନ୍ତି ଯେ, ଯଦି ଭାରତୀୟ ନିର୍ବାଚନ କମିସନ ୧୪ କୋଟି ଲୋଟରଙ୍କୁ ଅବୈଧ ଘୋଷଣା କରନ୍ତି, ତାହାହେଲେ ନିର୍ବାଚନ କିପରି ବୈଧ ହୋଇପାରିବ । ଗାନ୍ଧୀ ଭାରତୀୟ ଜନତା ପାର୍ଟି ଓ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରି କହିଛନ୍ତି ଯେ, ଦୁଇଆରେ ଗଣତାନ୍ତ୍ରିକ ଆନ୍ଦୋଳନ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଯେ, ଭାରତ ଏକ ଗଣତନ୍ତ୍ର ହୋଇରହୁ । କିନ୍ତୁ ଆମେ ଯାହା ଦେଖୁଛୁ ଓ ପ୍ରମାଣ ପାଉଛୁ ତାହା ହେଉଛି ଯେ, ଭାରତ ପ୍ରକୃତରେ ଆଉ ଗଣତନ୍ତ୍ର ନୁହେଁ । ଗାନ୍ଧୀ କହିଛନ୍ତି ଯେ, ଏହି ଗତଶା ଆମେ ଭାରତରେ କ'ଣ କ'ଣ ମୁକାବିଲା କରୁଛୁ ତାହାର ଏକ ଅନୁଭବ ପ୍ରଦାନ କରୁଛି ।

ଭୋଟର ତାଲିକାରୁ ୧.୨୭ ହିନ୍ଦୁଙ୍କ ନାଁ କଟିବା ନେଇ ଯୋଗୀଙ୍କ ଦାବି ଉପରେ ପ୍ରଶ୍ନ ଉଠାଇଲେ କପିଲ ସିବଲ



ନୂଆଦିଲ୍ଲୀ, ୧୪/୧୧ (ନ୍ୟୁ.ଏ) : ଉତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ରାଜ୍ୟର ଭୋଟର ତାଲିକାରୁ ୧ କୋଟି ୨୭ ଲକ୍ଷ ହିନ୍ଦୁ ଭୋଟରଙ୍କ ନାଁ କଟିଥିବା ନେଇ ବାବାୟାର ଦାବି କରୁଥିବାବେଳେ ଏନ୍ଥାକୁ ନେଇ ରାଜ୍ୟସଭା ସାଂସଦ କପିଲ ସିବଲ ପ୍ରଶ୍ନ ଉଠାଇଛନ୍ତି । ସିବଲ ଶନିବାର ନୂଆଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀ କରି ଯୋଗୀଙ୍କୁ ତାଙ୍କ ଦାବି ସମ୍ପର୍କିତ ତଥ୍ୟ ସାର୍ବଜନୀନ କରିବାକୁ କହିଛନ